ବର୍ଷ-୨୫, ସଂଖ୍ୟା-୧୯୬
ଭୁବନେଶ୍ୱର
୨୩, ଜୁଲାଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 196
Bhubaneswar
23, July, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଅନୁଭବଙ୍କ 'ଚାରିଧାମ' ଛାଡ଼ିଲେ ସନମିରା



# ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

## ବଦଳିଲେ ବିଏମ୍‌ସି ଓ ସିଏମ୍‌ସି କମିଶନର

## ହେମନ୍ତ ଶର୍ମା ସୂଚନା ଓ ଲୋକସଂପର୍କ ବିଭାଗ ସଚିବ

**ଭୁବନେଶ୍ୱର,୨୨।୭(ମହଭାରତ):** ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ଭିତରେ ରାଜ୍ୟ ସରକାର ଆଜି ଆଇଏଏସ୍‌ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ସରକାର ୪୯ ଜଣ ଆଇଏଏସ୍ ଅଧିକାରୀଙ୍କୁ ବଦଳି କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ପୁରୀ ଜିଲ୍ଲାପାଳଙ୍କୁ ବଦଳାଇଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟ ସରକାର ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଭୁବନେଶ୍ୱର ମହାନଗର ନଗମ (ବିଏମ୍‌ସି)ରେ କମିସନର ପଦବିରେ ନିଯୁକ୍ତି ଦେଇଛନ୍ତି। ରଥଯାତ୍ରା ଅଘଟଣ ପରେ ସେ ପୁରୀ ଜିଲାପାଳ ଭାବେ ଦାୟିତ୍ୱ ନେଇଥିଲେ। ବର୍ତ୍ତମାନ ତାଙ୍କର ବଦଳି କରାଯାଇଛି। ଚଞ୍ଚଳ ରାଣାଙ୍କ ସ୍ଥାନରେ ରାଜ୍ୟ ସରକାର ୨୦୧୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପୁରୀ ଜିଲ୍ଲାପାଳ ଭାବେ ବଦଳି କରିଛନ୍ତି। ସେ ଏବେ ଗଞ୍ଜାମ ଜିଲ୍ଲାପାଳ ଅଛନ୍ତି। ହେମନ୍ତ ଶର୍ମାଙ୍କୁ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି।



ବରିଷ୍ଠ ଆଇଏଏସ୍ ଅଧିକାରୀ ରୁପା ରୋଶନ ସାହୁଙ୍କ ରାଜ୍ୟପାଳଙ୍କ ସଚିବ ଭାବେ ନିଯୁକ୍ତି ମିଳିଥିବାବେଳେ ସଚିନ ରାମଚନ୍ଦ୍ର ଯାଦବଙ୍କ ହାତରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦାୟିତ୍ୱ ଦିଆ।ଯାଇଛି। ଭୁପେନ୍ଦ୍ର ସିଂ ପୁନିଆ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ନିଯୁକ୍ତ କରାଯାଇଥିବା ବେଳେ ଗୁହା ପୁନମ ତାପସ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସଞ୍ଜୀବ କୁମାର ମିଶ୍ର ଅର୍ଥ ବିଭାଗର ପ୍ରମୁଖ ସଚିବ ନିଯୁକ୍ତ ହୋଇଛନ୍ତି।

କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ବଦଳି ହୋଇଥିବା ବେଳେ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦକ୍ଷିଣାଞ୍ଚଳ ଆରଡିସି ଭାବେ ନିଯୁକ୍ତ ଦିଆଯାଇଛି। ବିଜୟ କୁମାର ଦାସ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ହୋଇଛନ୍ତି। ଆଇଏଏସ ଏନ୍.ବି.ଏସ୍ ରାଜପୁତ ପବ୍ଲିକ ଏଣ୍ଟରପ୍ରାଇଜେସ୍ ଡିପାର୍ଟମେଣ୍ଟର ପ୍ରିନ୍ସିପାଲ୍ ସେକ୍ରେଟାରୀ ଦାୟିତ୍ୱ ତୁଲାଇବେ। ବି. ପରମେଶ୍ୱରନଙ୍କୁ (ଏସ୍‌ସି/ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଉନ୍ନୟନ ବିଭାଗର କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଆଇଏଏସ୍ ଡି.ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗରେ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଆଇଏଏସ୍ ଇନ୍ଦ୍ରମଣି ତ୍ରିପାଠୀଙ୍କୁ କାରଖାନା ଏବଂ ବଏଲରର ନିରୀକ୍ଷକ ଭାବରେ ଅତିରିକ୍ତ ଦାୟିତ୍ୱରେ ରହିବାକୁ ଅନୁମତି ମିଳିଛି। ଆଇଏଏସ୍ ମନୀଷ ଅଗ୍ରୱାଲଙ୍କୁ ଗୋପବନ୍ଧୁ ପ୍ରଶାସନ ଏକାଡେମୀ, ଭୁବନେଶ୍ୱରର ଅତିରିକ୍ତ ଏସ୍ଆରସି ଭାବରେ ନିଯୁକ୍ତ କରାଯାଇଛି। ରେହାନ ଖତ୍ରିଙ୍କୁ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ଦାୟିତ୍ୱ ଦିଁଆ।ଯାଇଛି। କୀରନଦୀପ କୌର ହେଲେ ସିଏମ୍‌ସି କମିସନର।

ରାଜ୍ୟ ସରକାର କିଛି ଜିଲ୍ଲାରେ ଜିଲ୍ଲାପାଳଙ୍କୁ ବଦଳି କରିଛନ୍ତି। ଏହି କ୍ରମରେ ସୋମେଶ କୁମାର ଉପାଧ୍ୟାୟଙ୍କୁ ମାଲକାନଗିରି ଓ ଶୁଭଙ୍କର ମହାପାତ୍ରଙ୍କୁ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଢେଙ୍କାନାଳ, କୀର୍ତ୍ତି ଭାସନଙ୍କୁ ଗଞ୍ଜାମ, ମନୋଜ ସତ୍ୟବାନ ମହାଜନଙ୍କୁ କୋରାପୁଟ୍, ବେଦଭୂଷଣଙ୍କୁ କନ୍ଧମାଳ, ଅମ୍ରିତ ଋତୁରାଜଙ୍କୁ ଖୋର୍ଦ୍ଧା, କୁଲକର୍ଣ୍ଣି ଆଶୁତୋଷ ସିଂହଙ୍କୁ ରାୟଗଡ଼ା, ମଧୁସ୍ମିତାଙ୍କୁ ଗଜପତି, ଚୌହାନ କୁନାଲ୍ ମୋତିରାମଙ୍କୁ ଝାରସୁଗୁଡ଼ା ଓ ବିଭୂତି ଭୂଷଣ ନାୟକଙ୍କୁ ବୌଦ୍ଧ ଓ ନୃପରାଜ ସାହୁଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ରଘୁରାମ ଅ।ୟାରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଅମ୍ବର କୁମାର କର ଯାଜପୁର ଜିଲ୍ଲାପାଳ ହୋଇଛନତି।

# ଭାରତ ଆସିଲା 'ଆପାଚି' ହେଲିକପ୍ଟର

**ନୂଆଦିଲ୍ଲୀ,୨୨।୭(ଏଜେନ୍ସି):** ଛାରଖାର ହେବ ଶତ୍ରୁ ଶିବିର । ପାକିସ୍ତାନର ଅବସ୍ଥା ହେବ ଶୋଚନୀୟ । ଭାରତୀୟ ସେନାକୁ ମିଳିଛି 'ଆପାଚି' ବଳ । ଆପାଚି ଏଏଚ-୬୪ଇ ହେଲିକପ୍ଟର ପ୍ରଥମ ବ୍ୟାଚ ଶେଷରେ ଭାରତରେ ପହଞ୍ଚିଛି। ୩ଟି ଆପାଚି ହେଲିକପ୍ଟର ଆମେରିକାରୁ ଆସି ହିଣ୍ଡନ ଏୟାରବେସରେ ପହଞ୍ଚିଛି। ପ୍ରାୟ ୫୦୦ କୋଟି ଟଙ୍କା ଚୁକ୍ତିରେ ଭାରତକୁ ୬ ଆପାଚି ମିଳିବ।। ୧୫ ମାସ ବିଳମ୍ବରେ ପ୍ରଥମ ପର୍ଯ୍ୟାୟରେ ୩ଟି 'ଆପାଚି' ଭାରତରେ ପହଞ୍ଚିଛି।। ଏହି ହେଲିକପ୍ଟର ଯୋଧପୁରରେ ନିୟୋଜିତ ହେବ। ଅପରେସନ୍ ସିନ୍ଦୂର ପରେ ଯେଉଁଠି ପଶ୍ଚିମ ସୀମାର ତାକତ ବଢାଇବା ଆବଶ୍ୟକତା ରହିଛି। ଆର୍ମି ଏଭିଏସନ୍ କୋର ଗତ ବର୍ଷ ମାର୍ଚ୍ଚରେ ଯୋଧପୁର ନାଗତଲାବରେ ଆପାଚିର ସ୍କ୍ୱାର୍ଡନ ପ୍ରସ୍ତୁତ କରିଥିଲେ। ଏହା ସହିତ ପାଇଲଟ ଏବଂ ଗ୍ରାଉଣ୍ଡ ଷ୍ଟାଫଙ୍କୁ ଟ୍ରେନିଂ ମଧ୍ୟ ଦିଆସରିଛି।ଆପାଚି ଏଏଚ-୬୪ଇ ଦୁନିଆର ସବୁଠୁ ଉନ୍ନତ ହେଲିକପ୍ଟର। ଏହାକୁ ଆମେରିକା କମ୍ପାନୀ ବୋଇଂ ତିଆରି କରିଛି। ଏହାକୁ ଉଡନ୍ତା ଟେକ୍ ବି କୁହନ୍ତି କାରଣ ଏହା ପାଖରେ ଦ୍ରୁତ, ଶକ୍ତିଶାଳୀ ଏବଂ ସଠିକ୍ ହମଲାର କ୍ଷମତା ରହିଛି। ଆପାଚି ଆକ୍ରମଣ ହେଲିକପ୍ଟରଗୁଡ଼ିକୁ ବିଶ୍ୱର ସବୁଠାରୁ ଆଧୁନିକ ଏବଂ ଘାତକ ହେଲିକପ୍ଟର ଭାବରେ ବିବେଚନା କରାଯାଏ।ଏଗୁଡ଼ିକ ଶତ୍ରୁର ଦୁର୍ଗ ଭେଦ କରି ଏହାର ଅଞ୍ଚଳ ଭିତରେ ଗଭୀର ଆକ୍ରମଣ କରିବାକୁ ସକ୍ଷମ।ଆମେରିକା ନିଜେ ପାନାମାରୁ ଆଫଗାନିସ୍ତାନ ଏବଂ ଇରାକ ପର୍ଯ୍ୟନ୍ତ ଆପାଚି ଆକ୍ରମଣ ହେଲିକପ୍ଟର ବ୍ୟବହାର କରିଥିଲା।



# ନକଲି ଚାଷୀ ଖୋଜିବେ ସରକାର

**ଭୁବନେଶ୍ୱର,୨୨।୭(ମହାଭରତ):** ପଞ୍ଜିକରଣ ସମୟରେ ଚାଷୀ ମାନେ ଆଧାର କାର୍ଡ ଦାଖଲ ସହ ଇ-କେଓ୍ୱାଇସି କରିବା ବାଧ୍ୟତାମୂଳକ ହେବ। ନକଲି ଚାଷୀ ତଥା ଦଲାଲଙ୍କୁ ଧରିବା ପାଇଁ ଚଳିତ ଥର ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ସମସ୍ୟା ଉପୁଜିବା ପରେ ରାଜ୍ୟ ସରକାର ଚାଷୀ ପଞ୍ଜିକରଣକୁ ସରଳିକରଣ କରିଛନ୍ତି। ମନ୍ତ୍ରୀ କହିଛନ୍ତି ବାପା କି ଜେଜେ ବାପାଙ୍କ ନାମରେ ଜମି ଥିଲେ ବି ପୁଅ ମାନେ କରି ପାରିବେ ପଞ୍ଜୀକରଣ। ଯେଉଁ ପୁଅ ଯେତେ ଜମି ଚାଷ କରୁଥିବେ ସେତିକି ଜମିର ପଞ୍ଜିକରଣ କରି ପାରିବେ । ଯଦି ଜଣେ ଭାଇ ସବୁ ଜମି ଚାଷ କରୁଛି ତେବେ ତାଙ୍କୁ ଅନ୍ୟ ଭାଇ ମାନଙ୍କର ଲିଖିତ ସ୍ୱୀକୃତି ନାମା ପଞ୍ଜିକରଣ ସମୟରେ ଦାଖଲ କରିବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ ।

# ଆକାଂକ୍ଷୀ ବ୍ଲକ ସଂଖ୍ୟା ୪୦କୁ ବୃଦ୍ଧି

## କେନ୍ଦୁଝର ଜିଲ୍ଲାର ୫ ବ୍ଲକ ଓ ମୟୂରଭଞ୍ଜର ୬ ବ୍ଲକ ସାମିଲ

ଭୁବନେଶ୍ୱର,୨୨।୭(ମହାଭରତ): ଓଡ଼ିଶାର ୧୧ଟି ନୂଆ ବ୍ଲକ ନୀତି ଆୟୋଗ ଦ୍ୱାରା ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ ହୋଇଛି। କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ନୂଆ ବ୍ଲକ ସାମିଲ ହୋଇଛି। ଏହାଦ୍ୱାରା ବର୍ତ୍ତମାନ ଓଡ଼ିଶାର ସମୁଦାୟ ୪୦ଟି ବ୍ଲକ ଆକାଂକ୍ଷୀ ବ୍ଲକରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକ ଗୁଡ଼ିକୁ ସାମିଲ କରିବା ପାଇଁ ନୀତି ଆୟୋଗକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ନୀତି ଆୟୋଗ ଏହି ବ୍ଲକ ଗୁଡିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି।

ଯେଉଁ ନୂତନ ବ୍ଲକ ଗୁଡ଼ିକ ଆକାଂକ୍ଷୀ ଯୋଜନାରେ ସାମିଲ ହେଲା, ସେଗୁଡ଼ିକ ହେଉଛି – କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ଏବଂ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଡ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗି। ନୀତି ଆୟୋଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ର୍‍ୟାଙ୍କିଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗୀତାମୂଳକ ପରିବେଶ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଏହି ଅଞ୍ଚଳ ଗୁଡ଼ିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି।

ସୂଚନାଯୋଗ୍ୟ, ଦେଶର ବିଭିନ୍ନ ଜିଲ୍ଲାର ପଛୁଆ। ବ୍ଲକଗୁଡ଼ିକୁ ଚିହ୍ନଟ କରି ନିତି ଅ।ୟୋଗ ସେଠାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଇ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ସବୁ ବ୍ଲକଗୁଡ଼ିକରେ ବିଭିନ୍ନ କ୍ଷେତ୍ରର ବିକାଶକୁ ନିତି ଅ।ୟୋଗ ମଧ୍ୟ ନିୟମିତ ଅନୁଧ୍ୟାନ କରିଥାନ୍ତି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ର୍‍ୟାଙ୍କିଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଇଥାଏ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆ।ଯାଇଛି।

# ଦୁଇ ଦୁର୍ନୀତିଖୋରଙ୍କୁ ବହିଷ୍କୃତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨।୭(ମହାଭରତ):** ଦୁର୍ନୀତି ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ଦୁଇ ଦୁଇ ଜଣ ଦୁର୍ନୀତି ଖୋର୍ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଏମାନେ ହେଲେ ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତ ଓ ଅନୁଗୁଳ ଜିଲ୍ଲା କଣିହା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ବବିଲତା ବେହେରା।



ଆଜି ଅନୁଗୁଳ ଜିଲ୍ଲା କଣିହା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ବବିଲତା ବର୍ତ୍ତମାନ ବାରିପଦା ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। କଣିହା ବ୍ଲକରେ କାର୍ଯ୍ୟରତ ଥିବାବେଳେ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଅନୁଗୋଳ ଜିଲ୍ଲା ଭିଜିଲାନ୍‌ସ ପକ୍ଷରୁ ତାଙ୍କ ବିରୁଦ୍ଧରେ କେଶ୍ ରୁଜୁ ହୋଇଥିଲା। ନିକଟରେ ଅନୁଗୁଳ ଭିଜିଲାନ୍‌ସ ସ୍ପେସାଲ ଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିଛନ୍ତି। ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ବବିତା ବେହେରାଙ୍କୁ ତୁରନ୍ତ ଚାକିରୀରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହାପୂର୍ବରୁ ଦୁର୍ନୀତି ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ଡାକ୍ତର ରାଉତ ବର୍ତ୍ତମାନ ଭଦ୍ରକ ଜିଲ୍ଲା ସଦର ମହକୁମା ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ଏବଂ କ୍ୟାନ୍‌ସର ବିଭାଗର ବରିଷ୍ଠ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଡାକ୍ତର କରୁଣାକର ରାଉତଙ୍କ ନାମରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ କେସ୍ ରୁଜୁ ହୋଇଥିଲା। ଡାକ୍ତର ରାଉତଙ୍କ ନାମରେ ମଧ୍ୟ ଡିପାର୍ଟମେଂଟାଲ ପ୍ରୋସିଡିଙ୍ଗ୍ କରାଯାଇଥିଲା। ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହିତ ଅନ୍ୟାନ୍ୟ ଦଣ୍ଡବିଧାନ ମଧ୍ୟ କରାଯାଇଥିଲା। ଇତି ମଧ୍ୟରେ ଭିଜିଲାନ୍ସ କୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ।ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହି ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗରେ ଚଢଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

# ମାନବାଧିକାର ଆଇନ ଉଲ୍ଲଂଘନ ପୀଡିତଙ୍କୁ ୨୮ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୭ (ମହାଭାରତ):** ଅ।ଜି ଜାତୀୟ ମାନବାଧିକାର ଅ।ୟୋଗଙ୍କ ଦୁଇ ଦିନିଆ। ଜନଶୁଣାଣି ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୧୪୪ଟି ମାମଲାର ଶୁଣାଣି କରାଯିବା ସହିତ ରାଜ୍ୟରେ ମାନବାଧିକାର ଉଲ୍ଲଂଘନ ପୀଡ଼ିତମାନଙ୍କୁ ପ୍ରାୟ ୨୮ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି। ଶିବିରରେ ଜାତୀୟ ମାନବାଧିକାର ଅ।ୟୋଗ (ଏନଏଚଅ।ରସି) ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଭି. ରାମସୁବ୍ରମଣ୍ୟନ୍, ସଦସ୍ୟ ନ୍ୟାୟମୂର୍ତ୍ତି (ଡକ୍ଟର) ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଜୟା ଭାରତୀ ସାୟାନି ମାମଲାଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମହାସଚିବ, ଭରତ ଲାଲ, ରେଜିଷ୍ଟ୍ରାର (ଅ।ଇନ) ଯୋଗିନ୍ଦର ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀ ଏବଂ ଅଭିଯୋଗକାରୀ ଉପସ୍ଥିତ ଥିଲେ।ମାନବାଧିକାର ଅ।ୟୋଗ ଏହି ଶିବିରରେ ହାଜତ ମୃତ୍ୟୁ, ସରକାରୀ ଅ।ଶ୍ରୟ ଗୃହରେ ମୃତ୍ୟୁ, ଡାକ୍ତରଖାନାରେ ଅଗ୍ନିକାଣ୍ଡ ଯୋଗୁଁ ଶିଶୁ ମୃତ୍ୟୁ, ବୁଡ଼ି ଜନିତ ମୃତ୍ୟୁ, ବୁଲା କୁକୁର କାମୁଡ଼ା, ଶିଶୁ ଚଲାଣ, ମୌଳିକ ମାନବିକ ସୁବିଧାରୁ ବଞ୍ଚିତ ହେବା ମାମଲା, ନାବାଳିକା ଦୁଷ୍କର୍ମ, ଅପରାଧ ସମେତ ନାରୀ ନିର୍ଯାତନା, ନିଖୋଜ ବ୍ୟକ୍ତିଙ୍କ ମାମଲା, ପୁଲିସ ଅତ୍ୟାଚାର, ଅ।ତ୍ମହତ୍ୟା ମୃତ୍ୟୁ, ପୁଲିସ ଦ୍ୱାରା ଏଫଅ।ଇଅ।ର ପଞ୍ଜିକରଣ ନ କରିବା, ବିଦ୍ୟୁତ ଅ।ଘାତ ମାମଲା ଇତ୍ୟାଦି ବିଭିନ୍ନ ମାମଲାର ବିଚାର କରିଥିଲେ।ଏନଏଚଅ।ରସି ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଭି. ରାମସୁବ୍ରମଣ୍ୟନ୍ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଅ।ୟୋଗ ସହିତ ଏନଜିଓ ଏବଂ ମାନବାଧିକାର ରକ୍ଷାକାରୀ ସଂସ୍ଥାଗୁଡ଼ିକର ନିରନ୍ତର ସହଭାଗୀତା ଦେଶରେ ମାନବାଧିକାରକୁ ସୁଦୃଢ଼ କରିବାରେ ବହୁତ ସାହାଯ୍ୟ କରିବ। ସେମାନଙ୍କୁ ଏହା ମଧ୍ୟ ସୂଚନା ଦିଅ।ଯାଇଥିଲା ଯେ ସେମାନେ ଅନଲାଇନରେ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଦାଖଲ କରିପାରିବେ। ଅ।ୟୋଗ ରାଜ୍ୟରେ ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ଭୟ କିମ୍ବା ପକ୍ଷପାତିତା ବିନା ଏପରି କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ।

# ବିଜେଡି ଓ କଂଗ୍ରେସକୁ ହାଇକୋର୍ଟ ନୋଟିସ

**କଟକ,୨୨।୭(ମହାଭାରତ):** ନିର୍ଯାତିତା ଏଫଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୂତିର ପ୍ରତିବାଦରେ ବିଜେଡି ଓ କଂଗ୍ରେସ ବିରୋଧୀ ପକ୍ଷରୁ ଓଡ଼ିଶା ବନ୍ଦ ଏବଂ ବିଭିନ୍ନ ସରକାରୀ ଅଫିସ ଘେରାଉ କରାଯାଇ ଜନସାଧାରଣଙ୍କୁ ଅସୁବିଧାରେ ପକାଯାଇଥିବାରୁ ଓଡ଼ିଶା ହାଇକୋର୍ଟ ଏହି ଦୁଇ ରାଜନୈତିକ ଦଳକୁ ନୋଟିସ ଜାରି କରିଛନ୍ତି। ବନ୍ଦପାଳନ ଓ ଘେରାଉବେଳେ ହିଂସାକାଣ୍ଡକୁ ସୁପ୍ରିମକୋର୍ଟ ବାରଣ କରିଥିବାବେଳେ ଏହି ଦୁଇ ରାଜନୈତିକ ଦଳ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରିଥିବାରୁ ହାଇକୋର୍ଟ ସେମାନଙ୍କ ଉପରେ ନୋଟିସ ଜାରି କରିଛନ୍ତି। ଅଗଷ୍ଟ ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ସଚିବ, ପୁଲିସ ଡିଜି, ୟୁଜିସି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି, ବିଜୁ ଜନତା ଦଳ ସଭାପତିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆତ୍ମଦାହ ସଂପର୍କରେ ଏସ୍ଆଇଟି ଦ୍ୱାରା ତଦନ୍ତ କରାଯିବାକୁ ହାଇକୋର୍ଟରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ରାୟ ଦେଇ ହାଇକୋର୍ଟ ଏସ୍ଆଇଟି ତଦନ୍ତ ଦାବିକୁ ଖାରଜ କରିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତରେ ସନ୍ତୋଷ ପ୍ରକାଶ କରିଛନ୍ତି। କ୍ରାଇମବ୍ରାଞ୍ଚର ତଦନ୍ତ ଠିକ ଭାବେ ଚାଲିଥିବାରୁ ଏସ୍ଆଇଟି ତଦନ୍ତର କୌଣସି ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମାନସ ରଂଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି।

# ସୁଭଦ୍ରା ସମୀକ୍ଷାରେ ସାମିଲ ହେବେ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୨।୭(ମହାଭାରତ):** ସୁଭଦ୍ରା ଅ।ଜି ଓଡ଼ିଶାର କୋଣେ ଅନୁକୋଣରେ ପହଞ୍ଚି ମା ଓ ଭଉଣୀମାନଙ୍କର ଅ।ର୍ଥିକ ଅ।ବଶ୍ୟକତାକୁ ପୂରଣ କରୁଛି ଏବଂ ସେମାନଙ୍କ ଇଛା ତଥା ସ୍ୱପ୍ନକୁ ନୂଆ। ରୂପ ପ୍ରଦାନ କରୁଛି। ରାଜ୍ୟର ମହିଳାମାନଙ୍କ ଅ।ର୍ଥିକ ସଶକ୍ତିକରଣ ସୁଭଦ୍ରା ଯୋଜନା ଅ।ରମ୍ଭର ମୂଳ ଲକ୍ଷ୍ୟ।

ସୁଭଦ୍ରା ସହାୟତା ଓଡ଼ିଶାର ମା ଭଉଣୀମାନଙ୍କ ଜୀବନରେ କ'ଣ ପରିବର୍ତ୍ତନ ଅ।ଣିଛି ଓ ଅ।ଉ କଣ କଲେ ସୁଭଦ୍ରା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଅ।ଣିହେବ -ଏପରି ପ୍ରଶ୍ନଗୁଡିକୁର ଉତ୍ତର ପାଇବା ପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଅ।ଇଅ।ଇଏମ ସମ୍ବଲପୁରର ସହଭାଗୀତାରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମ ଅ।ରମ୍ଭ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମତ ପ୍ରକାଶ କରିଛନ୍ତି। ଅ।ଜି ଭୁବନେଶ୍ୱରସ୍ଥିତ ୟୁନିଟ ୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଶୁକବିହାର ଶନିବିହାର ଅଙ୍ଗନବାଡି କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ କରକମଳରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ମହିଳା ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଅନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମରେ କଲେଜ ପଢୁଅ। ଛାତ୍ରଛାତ୍ରୀମାନେ ଅ।ଗାମୀ ୨ ସପ୍ତାହବ୍ୟାପୀ ସାରା ରାଜ୍ୟର ଅଙ୍ଗନବାଡି କେନ୍ଦ୍ରଗୁଡିକରେ ସାକ୍ଷାତକାର କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀମାନଙ୍କୁ ସୁଭଦ୍ରା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ଅ।ବଶ୍ୟକ ତଥ୍ୟ ସୁନିଶ୍ଚିତ କରିବେ। ସୁଭଦ୍ରା ସହାୟତାର ଉପଯୋଗ ଓ ସୁଭଦ୍ରା କାର୍ଯ୍ୟକ୍ରମର ପ୍ରଭାବ ବିଷୟରେ ସେମାନେ ତଥ୍ୟ ସଂଗ୍ରହ କରିବେ।

ଏହି କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମେ ୨୨,୦୦୦ ମହିଳା ହିତାଧିକାରୀଙ୍କୁ ନେଇ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛିୟ ଏହି ଗ୍ରୁପରେ ବିଭିନ୍ନ ସାମାଜିକ ବର୍ଗ ଏବଂ ବୟସ ଭିତ୍ତିରେ ହିତାଧିକାରୀଙ୍କୁ ନିଅ।ଯାଇଛି। ହିତାଧିକାରୀଙ୍କ ଇଛା ଓ ଅ।କାଂକ୍ଷାକୁ ବୁଝିବା ସହ ସୁଭଦ୍ରା ସହାୟତାର ଯଥାର୍ଥ ଉପଯୋଗ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ସର୍ବେକ୍ଷଣ ତଥ୍ୟ ଅ।ଧାରରେ ଅ।ଗାମୀ ସୁଭଦ୍ରା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ କରାଯିବ। ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ତଥା ତାଲିମପ୍ରାପ୍ତ କର୍ମକର୍ତ୍ତାମାନେ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ କରିବେ। ଅ।ଇଅ।ଇଏମ, ସମ୍ବଲପୁର ସହଯୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଏହି ସମୀକ୍ଷାର ତଥ୍ୟକୁ ବିଶ୍ଳେଷଣ କରି ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବେ।

# ରାଜ୍ୟରେ ଘଟୁଛି ବାରମ୍ବାର ଦୁଷ୍କର୍ମ ଘଟଣା

**ଭୁବନେଶ୍ୱର,୨୨।୭(ମହାଭାରତ):** ରାଜ୍ୟରେ ନାରୀ ନିର୍ଯାତନା ଏବେ ନିତିଦିନିଆ ଘଟଣା ହୋଇଗଲାଣି। ଯାହାଫଳରେ ରାଜ୍ୟକୁ ନିନ୍ଦିତ ହେବାକୁ ପଡୁଛି। ଏଥିପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ଆବଶ୍ୟକ। ଆଜି ଜଗତସିଂହପୁର ଓ ମାଲକାନଗିରିରେ ଗଣଦୁଷ୍କର୍ମ ଏବଂ ପୁରୀରେ ଯୁବତୀଙ୍କୁ ଯୌନ ନିର୍ଯାତନା ମାମଲା ନେଇ ରାଜ୍ୟରେ ଆଜି ଚର୍ଚ୍ଚା ଜାରିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଜଣେ ଯୁବତୀଙ୍କୁ ଅସଦାଚରଣ ହୋଇଛି। ମାଲକାନଗିରିରେ ଜଣେ ନାବାଳିକା ଦୁଇ ଦୁଇ ଥର ଦୁଷ୍କର୍ମର ଶିକାର ହୋଇଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରଯାଇଛି। ବଲଙ୍ଗୀରେ ଆଜି ନବମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ଧମକ ଦେବା ଘଟଣା ପୁଣିଥରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।



ଜଗତସିଂହପୁରରେ ଗତକାଲି ରାତିରେ ଜଣେ ୧୮ ବର୍ଷର ଛାତ୍ରୀଙ୍କୁ ଦୁଇ ଜଣ ଯୁବକ ଦୁଷ୍କର୍ମ କରିଥିଲେ। ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସଦର ମହକୁମାରୁ ୫ କିଲୋମିଟର ଦୂରରେ ଥିବା ଗାଁର ପୀଡ଼ିତା ଜଣେ ବାନ୍ଧବୀଙ୍କ ସହିତ ରାତି ପ୍ରାୟ ୮ଟା ବେଳେ ଜଣେ ସଂପର୍କୀୟଙ୍କ ଜନ୍ମଦିନ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ଜନ୍ମଦିନ କାର୍ଯ୍ୟକ୍ରମରେ ଶୀଘ୍ର ପହଞ୍ଚିବା ପାଇଁ ବିଲ ରାସ୍ତାରେ ଯାଉଥିବା ବେଳେ ଦୁଇ ଜଣ ଯୁବକ ସେମାନଙ୍କ ବାଟ ଓଗାଳି ଥିଲେ। ସେହି ସମୟରେ ଜଣେ ଯୁବତୀ ସେଠାରୁ ଖସି ଯାଇଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ପୀଡ଼ିତାଙ୍କୁ ଟେକି ନେଇ ଦୁଷ୍କର୍ମ କରିଥିଲେ। ପୁଲିସ ମୁଖ୍ୟ ଅଭିଯୁକ୍ତକୁ କଟକରୁ ଓ ଦ୍ୱିତୀୟ ଅଭିଯୁକ୍ତକୁ ବିରିଡ଼ିରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା କାର୍ତ୍ତିକ ମାଝି। ପୁଲିସ ଅ।ସନ୍ତାକାଲି କାର୍ତ୍ତିକଙ୍କୁ କୋର୍ଟ ଚାଲାଣ କରିବ୍ ବୋଲି ସୂଚନା ମିଳିଛି।

ମାଲକାନଗିରି ଜିଲ୍ଲାରେ ଲଜ୍ଜାଜନକ ଘଟଣା ଘଟିଛି। ନାବାଳିକାକୁ ଦୁଷ୍କର୍ମ କରି ଗିରଫ ହେଲେ ୪ ଜଣ ଅଭିଯୁକ୍ତ। ଦୁଇଟି ପୃଥକ ପୃଥକ ସ୍ଥାନରେ ଦୁଷ୍କର୍ମର ଶିକାର ହୋଇଛନ୍ତି ନାବାଳିକା। ପ୍ରଥମେ ମାଲକାନଗିରି ସହରର ଏକ ଘରେ ୩ ଜଣ ଯୁବକ ନାବାଳିକାକୁ ନେଇ ଦୁଷ୍କର୍ମ କରିଛନ୍ତି। ସେମାନେ ହେଲେ ମନୋଜ ହରିଜନ, ରୋହିତ କୁମାର ହିଆଲ ଏବଂ ବୀର ଭାର୍ତିଆ। ୩ ଜଣଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇ ଘରକୁ ଫେରୁଥିବା ବେଳେ ଟ୍ରକ ଡ୍ରାଇଭରଟି ରାତିରେ ଉଠାଇ ନେଇ ମାଲକାନଗିରି ସହର ଠାରୁ ୧୫ କିମି ଦୂରରେ ଥିବା ଜାତୀୟ ରାଜପଥକଡ ବିଜାଘାଟିରେ ଦୁଷ୍କର୍ମ କରୁଥିବା ବେଳେ ସ୍ଥାନୀୟ ଲୋକ ଝିଅର ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଅଟକ ରଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଗିରଫ କରିବା ସହ ଝିଅକୁ ଉଦ୍ଧାର କରିଥିବା ବେଳେ ନାବାଳିକା ଝିଅକୁ ଡାକ୍ତରୀ ପରୀକ୍ଷା ପରେ ଶକ୍ତି ସଦନ ସେଣ୍ଟରରେ ରଖାଯାଇଛି। ଏହି ଘଟଣାରେ ଡ୍ରାଇଭର ସମେତ ୪ ଜଣକୁ ଗିରଫ କରିଛି ପୁଲିସ। ଡ୍ରାଇଭର ଜଣକ ହେଲେ ମଧ୍ୟପ୍ରଦେଶର ସେଭମ ସିଂ ବୋଲି ପୁଲିସ କହିଛି।

ସେହିପରି କ୍ୟାପିଟାଲ ଥାନା ଅଧୀନ ଏଜି ଛକରେରେ ଥିବା ମନ୍ତ୍ରୀ ଓ ଆଇଏଏସଙ୍କ କ୍ୱାର୍ଟର ସମ୍ମୁଖରେ ଜଣେ ଯୁବତୀଙ୍କୁ ଅସଦାଚରଣ ହୋଇଛି। ଯୁବତୀ ଜଣଙ୍କ ପାଟି କରିବାରୁ ସେହି ରାସ୍ତାରେ ଗାଡ଼ିରେ ଆସୁଥିବା ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି। ନିଶାଖୋର ଅବସ୍ଥାରେ ଯୁବକକୁ ଲୋକେ କାବୁ କରିଛନ୍ତି। ମୋବାଇଲ ଛଡ଼ାଇବା ସହ ଦୁଷ୍କର୍ମ ଉଦ୍ୟମ କରିବାକୁ ପାଚେରୀ ନିକଟ ଅନ୍ଧାରକୁ ଟାଣି ନେଇଥିଲା ନିଶାଖୋର ଯୁବକ। ଘଟଣାସ୍ଥଳରେ କମିଶନରେଟ ପୁଲିସ ପହଞ୍ଚି ଉଭୟ ମଦ୍ୟପ ଓ ଯୁବତୀଙ୍କୁ କ୍ୟାପିଟାଲ ଥାନା ନେଇଛି ପୁଲିସ ଉଭୟଙ୍କୁ ପଚରାଉଚୁରା କରୁଛି।

ବ୍ରହ୍ମପୁରର ଏକ ଘରୋଇ ସ୍କୁଲର ଜଣେ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ବୈଦନାଥପୁର ଥାନା ପୁଲିସ ଆଜି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁ ଜୀବନ ମିଶ୍ର (୨୯) ତାଙ୍କ ଘର ହିଞ୍ଜିଳିକାଟୁ ଥାନା ସନ୍ତୋଷପୁରରେ।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାଟି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାଟି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



### ଖବର

# ଆମେରିକାରେ ଓଡ଼ିଆଙ୍କ କମାଲ୍: ଓଡ଼ିଆ ଗୀତ, ନୃତ୍ୟରେ ମତୁଆଲା ହେଲେ ଦର୍ଶକ




ଆମେରିକାରେ ଥିବା ସର୍ବବୃହତ ଓଡ଼ିଆ ଆସୋସିଏସନ ଓଡିଶା ସୋସାଇଟି ଅଫ ଆମେରିକା ଓସାର ଛପନତମ ମହାଧିବେଶନ ଅନୁଷ୍ଠିତ ହୋଇଯାଇଛି । ଆମେରିକା ଟେକ୍ସାସ ରାଜ୍ୟ ରାଜଧାନୀ ଡଲାସ ସହରରେ ଅନୁଷ୍ଠିତ ଏହି ମହାଧିବେଶନ ଅବସରରେ ଓଡିଶାର କଳା, ସଂସ୍କୃତି, ପୂଜାପାର୍ବଣ, ଜାନିଯାତ୍ରା, ନୃତ୍ୟ, ସଙ୍ଗୀତ, ରଥଯାତ୍ରା, ବାହୁଡା ଯାତ୍ରା ଓ ଖାଦ୍ୟ ପରମ୍ପରା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ଏହି ଆସୋସିଏସନ୍ ଆମେରିକାରେ ଓଡିଶା ସଂସ୍କୃତିର ବିକାଶ ଲାଗି ନିରନ୍ତର ଉଦ୍ୟମ କରିବା ସହ ବିଭିନ୍ନ ସମୟରେ ଓଡିଶାକୁ ସହାୟତା ପ୍ରଦାନ କରି ଆସୁଛି। ବିଭିନ୍ନ ଦିବସରେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟ ତଥା ପ୍ରଖ୍ୟାତ ଓଡିଆ ଡକ୍ଟର ସୀତାକାନ୍ତ ଦାଶ, ଡକ୍ଟର ତ୍ରିଲୋକୀନାଥ ପାଣ୍ଡେ, ଡି.ସି. ମଞ୍ଜୁନାଥ ତଥା ଅନେକ ଆମେରିକୀୟ ପ୍ରସିଦ୍ଧ ବ୍ୟକ୍ତିବିଶେଷ ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ ଯଆମେରିକାରେ କାର୍ଯ୍ୟରତ ପ୍ରଖ୍ୟାତ ଓଡିଆ କଣ୍ଠଶିଳ୍ପୀ ଡକ୍ଟର ଶିବରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜକ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ହାସ୍ୟାଭିନେତା, ଚଳଚ୍ଚିତ୍ର ନିର୍ଦ୍ଦେଶକ ପପୁ ପମ୍ପମ୍, କଣ୍ଠଶିଳ୍ପୀ ମାନସ ପ୍ରିତମ୍, ମୁମ୍ବାଇର ପ୍ଲେବ୍ୟାକ୍ ସିଙ୍ଗର କେକା ଘୋଷାଲ୍, କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ ଏବଂ ଶିବରଞ୍ଜନ ମହାପାତ୍ରଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଭିନ୍ନ ଦିବସର କାର୍ଯ୍ୟକ୍ରମରେ ତିନି ହଜାରରୁ ଉର୍ଦ୍ଧ୍ୱପ୍ରବାସୀ ଓଡିଆ ସାମିଲ୍ ହୋଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଡକ୍ଟର ଶିବରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

# ଘରେ କେଉଁ ବାସ୍ତୁ ଦ୍ରବ୍ୟ ରଖିଲେ ଶାନ୍ତି ମିଳିବ

ଘରେ ସର୍ବଦା ସୁଖଶାନ୍ତି ଭରି ରହିବା ପାଇଁ କିଛି ଉପାୟ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହୋଇ ପରିବାରରେ ସର୍ବଦା ସୁଖଶାନ୍ତି ଭରି ରହିବ।

ଚାନ୍ଦିର ହାତୀ : ଘରେ ଚାନ୍ଦିର ହାତୀ ରଖନ୍ତୁ । ଏହାଦ୍ୱାରା ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡ଼ିବ । ଏହାସହ ଛୋଟ ଚାନ୍ଦିର ହାତୀ ପକେଟ୍‌ରେ ରଖନ୍ତୁ।

ପିତ୍ତଳ ଓ ତମ୍ବା ବାସନ : ପିତ୍ତଳ ବାସନରେ ଖାଇଲେ ଓ ତମ୍ବା ବାସନରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଘରେ ପିତ୍ତଳ ବାସନ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ ।



ମହୁ : କାଚ କିମ୍ବା ମାଟିପାତ୍ରରେ ମହୁ ରଖିଲେ ଘରର ଶାନ୍ତି ବୃଦ୍ଧି ପାଏ ।

ଚାନ୍ଦି ଡବା : ଏକ ଚାନ୍ଦି ଡବାରେ ପାଣି ଭରି ଲକରରେ ରଖିଲେ ଧନ ବୃଦ୍ଧି ହୁଏ ।

ଚାନ୍ଦି ଓ ସୁନା କଏନ୍ : ଚାନ୍ଦିର କଏନ୍ ଲକରରେ ରଖନ୍ତୁ । ଏକ ହଳଦିଆ କପଡ଼ାରେ ସୁନା କଏନ୍ ବାନ୍ଧି ଲକରରେ ରଖନ୍ତୁ । ଘରେ ଶାନ୍ତି ବୃଦ୍ଧି ହେବ ।

ଭଗବାନ ହନୁମାନଙ୍କ ଚିତ୍ର : ଘରର ଦକ୍ଷିଣ କୋଣ କାନ୍ଥରେ ଲଗାନ୍ତୁ। ଏହାକୁ ପ୍ରତିଦିନ ପୂଜା କରନ୍ତୁ।

ହଳଦିଆ ରଙ୍ଗ : ଘରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ରଖନ୍ତୁ ପରିବାରରେ ଶାନ୍ତି ବୃଦ୍ଧି ପାଇବ ।

କଳା ଗୁଡ଼ : ଘରେ କଳା ଗୁଡ଼ ରଖନ୍ତୁ । ବାହାରକୁ ଯିବା ସମୟରେ କିମ୍ବା ପରିବାରର ସମସ୍ତ ସଦସ୍ୟ ଗୁଡ଼ ଖାଆନ୍ତୁ । ଏହାଦ୍ୱାରା ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ।

ତମ୍ବା କଏନ୍ : ଘରେ ତମ୍ବା କଏନ୍ ରଖନ୍ତୁ। ଧଳା କପଡ଼ାରେ ତମ୍ବା କଏନ୍ ବାନ୍ଧି ବେକରେ ଧାରଣ କଲେ ଶୁଭ ।

# ପକ୍ଷୀତୀର୍ଥ ବେଦଗିରି



ଭଗବାନ ଶିବଙ୍କ ଆଜ୍ଞାକ୍ରମେ ଥରେ ନନ୍ଦୀ ତିନୋଟି ପର୍ବତ ସୃଷ୍ଟି କଲେ। ଏଥିମଧ୍ୟରୁ ଗୋଟିଏ ଥିଲା ବେଦଗିରି । ବେଦଗିରି ଏକ କ୍ଷୁଦ୍ର ପାହାଡ଼ ଥିଲା । ଏବେ ଏହି ପାହାଡ଼ ପାଦଦେଶରେ ଏକ ସହର ରହିଛି, ଯାହାର ନାମ 'ତିରୁକ୍କୁଲୁକ୍କୁନ୍ନମ୍', ଅର୍ଥାତ୍ ପକ୍ଷୀ ତୀର୍ଥ । ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରୁ ୫୬କିମି ଦୂରରେ ଚେଙ୍ଗଲପଟନମ୍ ଷ୍ଟେସନ୍ ରହିଛି । ଏଠାରୁ ୧୪ କିମି ଦୂରତାରେ ରହିଛି ପକ୍ଷୀ ତୀର୍ଥ । ପକ୍ଷୀ ତୀର୍ଥ ଏବଂ ବେଦଗିରି ପର୍ବତ ଏକ ସମତଳ ସ୍ଥାନରେ ରହିଛି । ଏଠାରେ ଦିନ ୧୧ଟାରୁ ଦୁଇଟା ମଧ୍ୟରେ ବହୁ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ । ଏହି ପକ୍ଷୀଗୁଡ଼ିକ କୈଳାସ ପର୍ବତରୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି । ପକ୍ଷୀଙ୍କ ମଧ୍ୟରୁ ଅଧିକାଂଶ କାଉ ଥାଆନ୍ତି। ଏମାନଙ୍କ ବର୍ଣ୍ଣ ଘନ କଳା ହୋଇଥାଏ। ସ୍ଥାନୀୟ ଲୋକେ ଏହି ପକ୍ଷୀକୁ ଚମରଗିଦ୍ଧା, ମଲଗିଦ୍ଧା ନାମରେ ସମ୍ବୋଧନ କରିଥାନ୍ତି । ଉତ୍ତରଭାରତର ରାଜସ୍ଥାନରେ ସାଧାରଣତଃ ଏଭଳି ପକ୍ଷୀ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାନ୍ତି । ଲୋକ ବିଶ୍ୱାସ ଅନୁଯାୟୀ, ଏକ ନିଛାଟିଆ ସ୍ଥାନରେ ଗୁମ୍ଫାଟିଏ ରହିଛି । ସେହି ଗୁମ୍ଫାରେ ଜଣେ ପଣ୍ଡିତ ଅଛନ୍ତି, ସେ ଏହି ପକ୍ଷୀସବୁକୁ ପାଳିଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ସେ ପକ୍ଷୀ ଛାଡ଼ିଦେଇଥାନ୍ତି । ଭୋଜନ ଲୋଭରେ ପକ୍ଷୀଗୁଡ଼ିକ ବେଦଗିରି ନିକଟକୁ ଉଡ଼ିଆସନ୍ତି । ଏମାନଙ୍କ ଦ୍ୱାରା ବଳକା ରହିଥିବା ଭୋଜନ ତୀର୍ଥଯାତ୍ରୀ ପ୍ରସାଦ ରୂପରେ ଗ୍ରହଣ କରିଥାନ୍ତି । ସେଥିପାଇଁ ଏହି ତୀର୍ଥର ନାମ ପକ୍ଷୀତୀର୍ଥ ହୋଇଛି । ପକ୍ଷୀତୀର୍ଥ ନିକଟରେ ରହିଛି ରୁଦ୍ରକୋଟି ଶିବ ମନ୍ଦିର । ଏଠାରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କୁ ପୂଜା କରାଯାଇଥାଏ ।

ମା' ପାର୍ବତୀ ଏଠାରେ ଅଭିରାମନାୟକୀ ନାମରେ ପୂଜା ପାଉଛନ୍ତି । ମନ୍ଦିରରେ ଶଙ୍କରତୀର୍ଥ ନାମକ ସରୋବର ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ, ବୃହସ୍ପତି କନ୍ୟା ରାଶିରେ ପ୍ରବେଶ କଲେ ଏହି ସରୋବରରୁ ଏକ ଶଙ୍ଖ ଉତ୍ପନ୍ନ ହୋଇଥାଏ । ସେହିପରି ପକ୍ଷୀତୀର୍ଥ ନିକଟରେ ଥିବା ବେଦଗିରି ପର୍ବତ ଉପରେ ଏକ ଶିବ ମନ୍ଦିର ରହିଛି । ଏହି ଶିବମନ୍ଦିରରେ ସ୍ୱୟମ୍ଭୁ ଶିବଲିଙ୍ଗ ପୂଜା ପାଉଛନ୍ତି । ମହାଦେବଙ୍କୁ ଏଠାରେ ଶ୍ରୀବେଦଗିରିଶ୍ୱର ନାମରେ ପୂଜା କରାଯାଇଥାଏ । ୫୦୦ଟି ପାହାଚ ଚଢ଼ି ପର୍ବତ ଉପରକୁ ଗଲେ ସ୍ୱୟମ୍ଭୁ ଭଗବାନ ଶିବଙ୍କ ଦର୍ଶନ ମିଳିଥାଏ ।

## କର୍କଟ ରୋଗରୁ ଦୂରେଇ ରଖିଥାଏ କାଙ୍କଡ

ବର୍ଷା ଦିନରେ କାଙ୍କଡ ମିଳିଥାଏ। ଏହି ପରିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ବର୍ଷା ଦିନେ ମିଳୁଥିବା ଏହି ପରିବାକୁ ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ପୋଷକତତ୍ତ୍ୱ□ରେ ଭରପୁର କାଙ୍କଡ ଶରୀରକୁ ଅନେକ



ରୋଗରୁ ରକ୍ଷା କରିଥାଏ। ଏଥିରେ ଫାଇବର,ଭିଟାମିନ ବି ୬ ଆଦି ପର୍ଯ୍ୟାପ୍ତ ପରିମାଣରେ ରହିଛି। ଜାଣନ୍ତୁ କାଙ୍କଡ ଖାଇଲେ କି କି ଲାଭ ମିଳେ..

କାଙ୍କଡରେ ଭିଟାମିନ ସି ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିବାରେ ସହାୟକ ହୋଇଥାଏ। ଫଳରେ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହି ପରିବାରେ ଫାଇବର, ଭିଟାମିନ୍ ବି୬ ଆଦି ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି ।ଏହି ପରିବାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ପାଚନ ଜନିତ ସମସ୍ୟା ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରୋଲ୍ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ।

କାଙ୍କଡରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଯାହା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା ବ୍ରଣ ଓ କୁଞ୍ଚନ ସମସ୍ୟାରୁ ରକ୍ଷା କରିଥାଏ।

ଯେଉଁ ମାନଙ୍କର ମଧୁମେହ ସମସ୍ୟା ରହିଛି,ସେମାନଙ୍କ ପାଇଁ କାଙ୍କଡ ବେଶ ଉପକାରୀ। ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ ରଖିଥାଏ। ମଧୁମେହ ରୋଗୀ ନିଜ ଖାଦ୍ୟରେ କାଙ୍କଡ ନିଶ୍ଚୟ ସାମିଲ କରନ୍ତୁ।

କାଙ୍କଡ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ଅଧିକ ସମୟ ଯାଏଁ ପେଟ ଭର୍ତ୍ତି କରି ରଖିଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ।

ନିୟମିତ ଭାବେ କାଙ୍କଡ ସେବନ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ହେବାର ସମ୍ଭାବନାକୁ କମ୍ କରିଥାଏ।

### ବାଇପାସ ରୋଡ ନେଟୱର୍କ : ସହରର ଭିଡ ହ୍ରାସ ସହ ସବୁ ଶିକ୍ଷ ସଂସ୍ଥାକୁ ଯୋଡିବାକୁ ପ୍ରୟାସ

# ଭାରୀଯାନ ଚଳାଚଳ ପାଇଁ ନୂଆ କରିଡ଼ର

**ଭୁବନେଶ୍ୱର,୨୨।୭ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ନିର୍ମାଣ ବିଭାଗ ଭିଜନ ୨୦୩୬କୁ ଆଖିଆଗରେ ରଖି ସାରା ଓଡିଶାକୁ ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରୁଛନ୍ତି। ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାଲାଗି ଏକ ସୁଦୃଢ ସଡକ ନେଟୱର୍କ ଜରୁରୀ। ତେବେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ସେହି ଅନୁସାରେ ଗାଡି ମଟର ସଂଖ୍ୟା ବୃଦ୍ଧି କାରଣରୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ଆସିବା ପାଇଁ ଅଧିକ ସମୟ ଲାଗୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭିନ୍ନ ସମୟରେ ରାଜ୍ୟର ରୋଡ଼ ନେଟୱର୍କ ନେଇ ସମୀକ୍ଷା କରିବା ସହ ବଡ ବଡ ସହର ପାଇଁ ସୁଚିନ୍ତିତ ବାଇପାସ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହାକୁ ଦୃଷ୍ଟିରେ ରଖି ନିର୍ମାଣ ବିଭାଗ ପକ୍ଷରୁ ବିଭିନ୍ନ ସହର ଉପକଣ୍ଠରେ ବାଇପାସ ରାସ୍ତା ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଉଛି। ସେଥିରୁ ଅନେକ ଗୁଡିଏ ରାସ୍ତା ନିର୍ମାଣଧୀନ ଥିବା ବେଳେ ଆଗକୁ ଅଧିକ ବାଇପାସ ରାସ୍ତା ନିର୍ମାଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଯାହା କେବଳ ସହରର ଭିଡକୁ ହ୍ରାସ କରିବା ତାହା ନୁହେଁ ବରଂ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ପାଇଁ ଦୂରତ୍ୱ ଓ ସମୟ ହ୍ରାସ କରିବ। ଏହା ଏକ ନୂତନ ବାଣିଜ୍ୟିକ କରିଡର ସୃଷ୍ଟି ସହିତ ଅନେକ ଶିକ୍ଷସଂସ୍ଥାକୁ ଯୋଡିବା ଲାଗି ପଥ ସୁଗମ କରିବ। ଏହା ପର୍ଯ୍ୟଟନ କ୍ଷେତ୍ର ଓ ବନ୍ଦର ଯୋଗାଯୋଗକୁ ମଧ୍ୟ ଅଧିକ ସୁଦୃଢ଼ କରିବ। ବର୍ତ୍ତମାନ



୧୪୯୨୯୦.୮୫ ଲକ୍ଷ ବ୍ୟୟ ଅଟକଳରେ ୪୮ କିମି ଦୀର୍ଘ ମୋଟ ୧୦ଟି ବାଇପାସ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୨୭୭୯୧.୫୭ ଲକ୍ଷ ବ୍ୟୟ ଅଟକଳରେ ୩୨ କିମି ଦୀର୍ଘ ମୋଟ ୬ ଟି ବାଇପାସ କାର୍ଯ୍ୟ ପାଇଁ ଅନୁମୋଦିତ ହୋଇଛି।

ଏଥିମଧ୍ୟରେ କଟକ ଖାନନଗର ନିକଟ ଏବଂ ଯୋବ୍ରା ଠାରେ ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ଚାଲୁଅଛି ଯାହା କଟକ ସହର ଓ ମ୍ୟୁନିସିପାଲ ଅଂଚଳର ଭିଡ ହ୍ରାସ ଏବଂ ଗମନାଗମନକୁ ସମୟକୁ ୬୦ ମିନିଟ ପର୍ଯ୍ୟନ୍ତ ହ୍ରାସ କରିବ। ସେହିପରି ୭.୭ କିମି ଦୀର୍ଘ ଢେଙ୍କାନାଳ କାମାକ୍ଷାନଗର ବାଇପାସ ରାସ୍ତା ନିର୍ମାଣଧୀନ ରହିଛି ଯାହା ସେଠାରେ ଥିବା ଥିବା ମାର୍କେଟ ଅଂଚଳର ଭିଡକୁ ହ୍ରାସ କରିବ ସହିତ ଯିବା ଆସିବା ସମୟକୁ ୧୫ ମିନିଟ ପର୍ଯ୍ୟନ୍ତ ହ୍ରାସ କରିବ। ନିର୍ମାଣଧୀନ ୧୩ କିଲୋମିଟର ଦୀର୍ଘ ବ୍ରହ୍ମପୁର ରିଂ ରୋଡ ଏହି ଅଂଚଳର ଭିଡ ହ୍ରାସ ସହ ଯାତ୍ରା ସମୟକୁ ୩୦ ମିନଟ ପର୍ଯ୍ୟନ୍ତ କମ କରିବ। ଝାରସୁଗୁଡା ଜିଲ୍ଲାରେ ୪ ଲେନ ରାସ୍ତା ସହ ସର୍ଭିସ ରୋଡ଼ ଥାଇ ୮ କିମି ଦୀର୍ଘ ବେଲପାହାଡ ବାଇପାସ୍ ରାସ୍ତା ଯାହା ବେଲପାହାଡ ଟାଉନ ଅଂଚଳର ଭିଡ ହ୍ରସ ଦିଗରେ ସହାୟକ ହେବ। ସେହିପରି ଭବାନିପାଟଣାକୁ ସଂଯୋଗୀକରଣ କରୁଥିବା ୬ କିମି ଦୀର୍ଘ ଲିଙ୍କ ରୋଡ, କେନ୍ଦ୍ରାପଡା ଜିଲାରେ ୪ କିଲୋମିଟର ଦୀର୍ଘ ପଟ୍ଟାମୁଣ୍ଡାଇ ବାଇପାସ ରାସ୍ତା, କେଉଁଝର ଜିଲ୍ଲାର ଘସିପୁରା ଠାରେ ସିଲଂ ବ୍ରହ୍ମଣିପାଲ ବାଇପାସ ରାସ୍ତା ଏବଂ ଭଙ୍ଗାନଇ ଠାରୁ ମଦନପୁର ଶାଳପଡା ଓ ପଥରପଡା ବାଇପାସ ରୋଡ ଏବଂ ଖୋର୍ଦ୍ଧା ଟମାଣ୍ଡ ଛକ ଠାରୁ ପାଇକରାପୁର ଛକ ପର୍ଯ୍ୟନ୍ତ ସାଢେ ୫ କିଲୋମିଟର ଦୀର୍ଘ ଇନର ଭୁବନେଶ୍ୱର ରିଂ ରୋଡ଼ ନିର୍ମାଣ ଚାଲୁଅଛି ୟ ସହରର ଭିଡ ହ୍ରାସ, ପାର୍ଶ୍ୱବର୍ତୀ ଗ୍ରାମକୁ ସଂଯୋଗୀକରଣ ଓ ବାଣିଜ୍ୟ କାରବାରକୁ ଏହା ଗତିଶୀଳ କରିବ। ସେହିପରି ଚଳିତ ଆର୍ଥିକ ବର୍ଷରେ ଆଉ ୬ ଟି ବାଇପାସ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥି ମଧ୍ୟରେ ବଲାଙ୍ଗୀର ଜିଲାରେ ୬.୮ କିମି ଦୀର୍ଘ ବଲାଙ୍ଗୀର ବାଇପାସ ନିର୍ମାଣ ହେବାକୁ ଯାଉଛି। ଏହି ରାସ୍ତା ଜାତୀୟ ରାଜପଥ ୨୬ ଓ ରାଜ୍ୟ ରାଜପଥ ୪୨ କୁ ସଂଯୋଗ କରିବା ସହିତ ଭାରୀଯାନ ଗୁଡିକର ଯିବା ଆସିବାକୁ ସହଜ କରିବ।

### ସ୍ୱଚ୍ଛ ସହର ସର୍ବେକ୍ଷଣରେ ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱିତୀୟ

# ମୁଖ୍ୟମନ୍ତ୍ରୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦର୍ଶନ



**ଭୁବନେଶ୍ୱର,୨୨।୭ (ମହାଭାରତ):** ଦେଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଚଳିତ ମାସ ୧୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗୃହ ଓ ସହରାଂଚଳ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଥି ନିମନ୍ତେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୪-୨୫ ପ୍ରଦାନ କରିଛନ୍ତି। ଆଜି ଲୋକସେବା ଭବନ ଠାରେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଅଧକ୍ଷା ବିନୀତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏହି ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ସଫଳତା ପାଇଁ ଖୁସିବ୍ୟକ୍ତ କରିବା ସହିତ ଉଭୟ ବିଧାୟକ ଓ ଅଧକ୍ଷାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହିପରି ସ୍ୱଚ୍ଛ ଅଭିଯାନ ଜାରି ରଖି ପ୍ରଥମ ସ୍ଥାନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ କ୍ୟାଟେଗୋରିରେ ଗଞ୍ଜାମ ଜିଲ୍ଲାର ଆସ୍କା, ଦେଶରେ ସ୍ୱଚ୍ଛ ସହର ଭାବେ ଦ୍ୱିତୀୟ ସ୍ଥାନ ହାସଲ କରି ଏହି ପୁରସ୍କାର ପାଇଛି ।

# ଆଦାନୀ ପୋର୍ଟସ ଏବଂ ଏସ୍‌ଇଜେଡ୍ ପକ୍ଷରୁ 'କନେକ୍ଟ ୨.୦'

**ଭୁବନେଶ୍ୱର,୨୨।୭ (ମହାଭାରତ):** ପୂର୍ବ ଭାରତର ଅଗ୍ରଣୀ ବନ୍ଦର ଲଜିଷ୍ଟିକ୍ସ କମ୍ପାନୀ, ଆଦାନୀ ପୋର୍ଟସ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏପିଏସ୍‌ଇଜେଡ୍) ପକ୍ଷରୁ 'କନେକ୍ଟ ୨.୦' ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ 'ଟୁଗେଦର୍ସ ଟୁୱାର୍ଡସ ଟୁମୋରୋ' ଶୀର୍ଷକ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ଼ ରାଜ୍ୟରୁ ପୋର୍ଟକୁ ସହଯୋଗ କରୁଥିବା ସମନ୍ୱିତ ମଲ୍ଟି-ମୋଡାଲ ଲଜିଷ୍ଟିକ୍ କମ୍ପାନୀ, ରେଳବାଇ, ଟ୍ରକ୍ ନେଟ୍‌ୱର୍କ ପ୍ରମୁଖ ନୌବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଧାମରା ପୋର୍ଟ, ଗୋପାଳପୁର ପୋର୍ଟ ଏବଂ ହଳଦିଆ ଟର୍ମିନାଲର ମିଳିତ ଶକ୍ତିକୁ ପ୍ରଦର୍ଶିତ କରିଥିଲା । ଧାମରା ପୋର୍ଟ ୫୦ ଏମ୍‌ଏମ୍‌ଟିପିଏ ରୁ ୨୦୩୦ ଏବଂ ୨୦୪୦ ସୁଦ୍ଧା ଯଥାକ୍ରମେ ୧୦୦ ଏମ୍‌ଏମ୍‌ଟିପିଏ ୨୦୦ ଏମ୍‌ଏମ୍‌ଟିପିଏ, ଗୋପାଳପୁର ପୋର୍ଟ ୨୫ ଏମ୍‌ଏମ୍‌ଟିପିଏ, ନଭେମ୍ବର ୪ ରୁ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା




ହଳଦିଆ ଟର୍ମିନାଲ ୪ ଏମ୍‌ଏମ୍‌ଟିପିଏ ବନ୍ଦରଗୁଡ଼ିକ ମିଳିତ ଭାବରେ ବାର୍ଷିକ ୧୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟିପିଏ) ବ୍ୟବସାୟ ପରିଚାଳନା ବ୍ୟବସାୟିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି ।

ଧାମରା ଏବଂ ଗୋପାଳପୁର ପୋର୍ଟର କ୍ଷମତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଯୋଜନା କରାଯାଇଥିବା ଆଦାନୀ ଗ୍ରୁପ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ନିବେଶ ବିଷୟରେ ପୋର୍ଟ ସହ ପ୍ରତ୍ୟେକ୍ଷ ଭାବେ ବାଣିଜ୍ୟ କାରବାର କରୁଥିବା କମ୍ପାନୀଗୁଡ଼ିକୁ ଅବଗତ କରାଯାଇଥିଲା । ଏହି ସମ୍ମିଳନୀରେ ଗ୍ରାହକ ଓ ନୌବାଣିଜ୍ୟିକ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ଯାହା ଏପିଏସ୍‌ଇଜେଡ୍‌ର ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ପୁନରାବୃତ୍ତି କରିଥିଲା । ଟାଟା ଷ୍ଟିଲ, ରୁଙ୍ଗଟା ମାଇନ୍ସ, ରଶ୍ମି ମେଟାଲିକ୍ସ, ଷ୍ଟିଲ ଅଥୋରିଟୀ ଅଫ୍ ଇଣ୍ଡିଆ, ଟ୍ୟାନ୍‌ଜିଡ୍‌କୋ, ବେଦାନ୍ତ ଆଲୁମିନା, ଜିନ୍ଦଲ୍, ବେଙ୍ଗଲ ଏନର୍ଜୀ ପ୍ରମୁଖ କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଏଆଇସିଟିଇ ପ୍ରାୟୋଜିତ ଏଫ୍‌ଡିପି ଆୟୋଜିତ



**ଭୁବନେଶ୍ୱର,୨୨।୭ (ମହାଭାରତ):** ଉଦ୍‌ଭାବନ ଓ ଉଦ୍ୟୋଗୀକରଣ ବର୍ତ୍ତମାନ ସାରା ବିଶ୍ୱର ଅର୍ଥନୈତିକ ସମୃଦ୍ଧି ଓ ସାମାଜିକ ବିକାଶର ମୂଳମନ୍ତ୍ର ପାଲଟିଛି ବୋଲି ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ୫- ଦିନିଆ ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମ (ଏଫ୍‌ଡିପି)ରେ ବକ୍ତାମାନେ ମତ ରଖିଛନ୍ତି।

ଉଦ୍‌ଭାବନର ଆବଶ୍ୟକତା ବେଶ ବ୍ୟାପକ ଥିବା ବେଳେ ଆମେ ଯଦି କିଛି ଉଦ୍‌ଭାବନ କରୁ ନାହୁଁ ତେବେ ଆମେ କୌଣସି କାର୍ଯ୍ୟ କରୁନାହୁଁ ବୋଲି କହିଛନ୍ତି ଟାଟା ପାୱାର ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ)ର ସିଏସ୍ଆର ମୁଖ୍ୟ ଶ୍ରୀ ପ୍ରଦୀପ ଘୋଷାଲ। 'ଉଦ୍‌ଭାବନ ଓ ଉଦ୍ୟୋଗୀକରଣ' ଶୀର୍ଷକ ଏଫଡିପିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟ ରଖିବା ଅବସରରେ ଏହା କହିଛନ୍ତି ଶ୍ରୀ ଘୋଷାଲ। ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ), ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ଇନୋଭେସନ୍ ସେଲ୍ (ଏମ୍‌ଆଇସି) ଏବଂ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ମିଳିତ ଆନୁକୂଲ୍ୟରେ ଏହି ଏଫଡିପିର ଆୟୋଜନ କରାଯାଇଛି।

ସାରା ବିଶ୍ୱରେ ଏକ ସମୟରେ କ୍ୟାମେରା ନିର୍ମାଣକୁ ନେଇ ନିଜର ସ୍ୱତନ୍ତ୍ର ସ୍ଥିତି ଜାହିର କରିଥିବା କୋଡାକ କମ୍ପାନୀର ଉଦାହରଣ ଦର୍ଶାଇ ଶ୍ରୀ ଘୋଷାଲ କହିଥିଲେ ଯେ ଯଦି କୌଣସି କମ୍ପାନୀ ଉଦ୍‌ଭାବନ ବନ୍ଦ କରିଦେବ ତେବେ ଏହା ସମ୍ପୂର୍ଣ୍ଣ ଉଭେଇ ଯିବ। ଉଦ୍‌ଭାବନ ପ୍ରତ୍ୟେକ ଦିନ ହେଉଛି ଏବଂ ଲୋକମାନେ ଏହାକୁ ଉଦ୍ୟୋଗରେ ପରିଣତ କରିବା ଉଚିତ୍ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଶିକ୍ଷାନୁଷ୍ଠାନର ଫ୍ୟାକଲ୍ଟିମାନେ ପୂର୍ବରୁ କେବଳ ଜ୍ଞାନ ପ୍ରଦାନର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ଆଗକୁ ଆସି ଅଭିନବ ଉପାୟ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାର ଅବକାଶ ଆସିଛି। ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ଉଦ୍‌ଭାବନର ଆବଶ୍ୟକତା ଏବଂ କ୍ଲାସ୍‌ରୁମରେ ଏହାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମର ସଂଚାଳକ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କହିଥିଲେ ଯେ ସାରା ଓଡ଼ିଶାର ୨୮ଟି ଉଚ୍ଚ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଏହି ଏଫ୍‌ଡିପିରେ ଯୋଗ ଦେଇଛନ୍ତି। ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ସସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲଆଣ୍ଡଟି ଫାଇନାନ୍ସ ତ୍ରୟମାସିକ ୭୦୧ କୋଟି ଟଙ୍କାର ଟିକସ ଲାଭ

**ମୁମ୍ବାଇ,୨୨।୭ :** ଭାରତରେ ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ (ଏନବିଏଫସି) ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲଟିଏଫ୍) ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୟମାସିକରେ ୭୦୧ କୋଟି ଟଙ୍କାର କନ୍‌ସୋଲିଡେଟେଡ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି ଯାହା ପୂର୍ବ ତ୍ରୟମାସିକ ତୁଳନାରେ (କ୍ୟୁଓକ୍ୟୁ) ୧୦ ପ୍ରତିଶତ ଏବଂ ପ୍ରଥମ ତ୍ରୟମାସିକରେ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ୨ ପ୍ରତିଶତ ଅଧିକ ହୋଇଛି। ଏହି ତ୍ରୟମାସିକରେ ଏଲଟିଏଫ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ଏପର୍ଯ୍ୟନ୍ତ ସର୍ବାଧିକ କନ୍‌ସୋଲିଡେଟେଡ ବୁକ୍ ୧,୦୨,୩୧୪ କୋଟି ଟଙ୍କା ହାସଲ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ। ଏହି ତ୍ରୟମାସିକରେ ରିଟେଲ୍ ବୁକ୍ ପରିମାଣ ୯୯,୮୧୬ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। କମ୍ପାନୀ ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୟମାସିକରେ ୧୭,୫୨୨ କୋଟି ଟଙ୍କାର ତ୍ରୟମାସିକ ରିଟେଲ ଯୋଗାଣ ହାସଲ କରିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକରେ ରିଟେଲକରଣ ୯୮ ପ୍ରତିଶତ ହୋଇଛି, ଯାହା ୨୦୨୬ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି। ଆନ୍ତର୍ଜାତିକ ରେଟିଂ ସଂସ୍ଥାସମୂହ (ଏସ୍ଆଣ୍ଡପି ଗ୍ଲୋବାଲ ରେଟିଂସ୍ ଓ ଫିଚ୍ ରେଟିଂସ୍) ଦ୍ୱାରା ଏଲଟିଏଫ୍‌କୁ ଡେବଟ୍ ଇନଭେଷ୍ଟମେଣ୍ଟ ଗ୍ରେଡ କ୍ରେଡିଟ ରେଟିଂ ପ୍ରଦାନ କରାଯାଇଛି।

# ୧ ଲକ୍ଷ ଭକ୍ତ ଆଧ୍ୟାତ୍ମିକ ଭାବରେ 'ଭକ୍ତି ପଥେ' ଅଭିଯାନରେ ନିଜକୁ ତଲ୍ଲୀନ କଲେ

**ଭୁବନେଶ୍ୱର,୨୨।୭ (ମହାଭାରତ):** ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କର ପବିତ୍ର ରଥଗୁଡିକ ପୁରୀ ବଡଦାଣ୍ଡରେ ଐତିହ୍ୟସମ୍ପନ୍ନ ରଥଯାତ୍ରା ସମୟରେ ଭାରତର ୧ ନମ୍ବର ପ୍ୟାକେଜଡ ଅଟ୍ଟା ବ୍ରାଣ୍ଡ୍ ଆଶୀର୍ବାଦ ଭକ୍ତଗଣଙ୍କ ନିମନ୍ତେ ତାହାର ନବୋନ୍ମେଷୀ ଅଭିଯାନ 'ଭକ୍ତି ପଥେ' (ଭକ୍ତିର ମାର୍ଗ) ଜରିଆରେ ଏକ ରୂପାନ୍ତରଣକାରୀ ଆଧ୍ୟାତ୍ମିକ ଅନୁଭୂତି ଆଣିଦେଇଥିଲା। ଜୁନ୍ ୨୭ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ଅନୁଷ୍ଠିତ ଏହି ଯାତ୍ରାରେ ବାସ୍ତବ କ୍ଷେତ୍ରସ୍ତରରେ ସକ୍ରିୟକରଣ ଅନ୍ୟତମ ସର୍ବାଧିକ ନିୟୋଜନକାରୀ ବିଷୟବସ୍ତୁ ହୋଇଥିଲା, ଯାହା ୧ ଲକ୍ଷରୁ ଅଧିକ ଭକ୍ତଙ୍କୁ ଆକୃଷ୍ଟ କରିଥିଲା ଏବଂ ସେମାନେ ନିଜକୁ ଏକ ମର୍ମସ୍ପର୍ଶୀ, ପ୍ରଯୁକ୍ତି ପରିଚାଳିତ ଆଧ୍ୟାତ୍ମିକ ଯାତ୍ରାରେ ତଲ୍ଲୀନ କରାଇଥିଲେ। ଏହି ଧରଣର ପ୍ରଥମ ପ୍ରୟାସ ଭାବରେ ଆଶୀର୍ବାଦର 'ଭକ୍ତି ପଥେ' ରଥ ଯାତ୍ରାର ସାଂସ୍କୃତିକ ପବିତ୍ରତା ସହିତ ସର୍ବାଧୁନିକ ସମୟର ଡିଜିଟାଲ ନବସୃଜନର ସମ୍ମିଶ୍ରଣ ଘଟାଇ ଆଧ୍ୟାତ୍ମିକ ନିୟୋଜନତାର ପୁନଃପରିକଳ୍ପନା କରିଥିଲା। ଆଶୀର୍ବାଦ ଶୁଦ୍ଧ ଚକ୍କି ଅଟ୍ଟାକୁ ବ୍ୟବହାର କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଭର୍ଚୁଆଲ ପଦ୍ଧତିରେ ପ୍ରସ୍ତୁତ ପ୍ରସାଦକୁ ନେଇ ଭକ୍ତମାନଙ୍କ ସହିତ ଏକ ଆନ୍ତଃକ୍ରିୟାଶୀଳ ଡିଜିଟାଲ ଜୋନ୍‌ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା।

# ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାର ସମ୍ବେଦନଶୂନ୍ୟ

**ଭୁବନେଶ୍ୱର,୨୨।୭ (ମହାଭାରତ):** ରାଜ୍ୟରେ ନାରୀ ନିର୍ଯ୍ୟାତନା କ୍ରମାଗତ ଘଟିଚାଲିଥିବାବେଳେ ସରକାରଙ୍କ କଡା ପଦକ୍ଷେପ ଅଭାବରୁ ଅପରାଧୀମାନେ ଅଧିକ ଅପରାଧ ଘଟାଉଛନ୍ତି। ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ପରି ସ୍ପର୍ଶକାତର ପ୍ରସଙ୍ଗରେ ସରକାରଙ୍କ ଅପାରଗତା ଅପରାଧୀଙ୍କୁ ଅଧିକ ଅପରାଧ କରିବାକୁ ସାହସ ଯୋଗାଉଛି । ତେଣୁ କ୍ଷମତାରେ ରହିବାର ଅଧିକାର ସରକାର ହରାଇ ସାରିଛନ୍ତି ବୋଲି ରବିବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଛନ୍ତି।

ଗଣମାଧ୍ୟମକୁ ଓଡିଶା ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମହିଳା ସୁରକ୍ଷାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି, ଏବେ ରାଜ୍ୟରେ ଯେଉଁଭଳି ଗୋଟିଏ ପରେ ଗୋଟିଏ ନାରୀ ଅତ୍ୟାଚାର ଘଟଣା ଘଟୁଛି, ଏହା ତାହାର ଜ୍ୱଳନ୍ତ ଉଦାହରଣ। ଏହି ବିଭତ୍ସ ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିଅନ୍ତୁ ଏବଂ ଏହି ଅଂଚଳର ଜନପ୍ରତିନିଧି ଖୋଦ ଉପମୁଖ୍ୟମନ୍ତ୍ରୀ ତେଣୁ ତାଙ୍କର କର୍ତବ୍ୟ ସେ ଘଟଣାକୁ ନିଜ ମୁଣ୍ଡକୁ ନେଇ ଉତରଦାୟୀ ହୁଅନ୍ତୁ।ଏଥିସହିତ ଆହତ ନାବାଳିକାକୁ ସବୁଠୁ ଉନ୍ନତ ମାନର ଚିକିତ୍ସା ଯୋଗାଇ ବାଳିକା ଯେମିତି ସୁସ୍ଥ ହେବ ସେଥିପ୍ରତି ସରକାର ଯତ୍ନବାନ ହୁଅନ୍ତୁ । ଘଟଣା ର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୁଦ୍ଧରେ ଅତ୍ୟନ୍ତ କଡା ଦଣ୍ଡ ବିଧାନ ପାଇଁ ସରକାର ପଦକ୍ଷେପ ନିଅନ୍ତୁ ଏବଂ ପୀଡିତାଙ୍କ ପରିବାର କୁ ୧ କୋଟି ଟଙ୍କା ଅନୁକମ୍ପା ରାଶି ଦିଅନ୍ତୁ। ଏଫ ଏମ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାକୁ ରୋକାଯାଇ ପାରିଥାନ୍ତା କିନ୍ତୁ ସରକାରଙ୍କ ରାଜନୈତିକ ଉଦାସୀନତା ଯୋଗୁଁ ଜଣେ ନିରୀହ ଛାତ୍ରୀ ନିଜ ଜୀବନ ନେବାକୁ ବାଧ ହେଲା ।ଡବଲ ଇଂଜିନ ସରକାରରେ ଦେଶରେ ଆଜି ଓଡିଶା ସବୁଠୁ ଅସୁରକ୍ଷିତ ହୋଇ ପଡିଛି ଆଇନ ଶୃଙ୍ଖଳା ରସାତଳଗାମୀ ହେବାକୁ ବସିଛି ଏବଂ ଆଇନ ଉପରେ ଲୋକଙ୍କ ଭରଷା ତୁଟିବାରେ ଲାଗିଲାଣି। ଏମ୍ସ ପରିସରରେ ୧୬୩ ଧାରା ଲାଗୁ ହେବା ପ୍ରସଙ୍ଗରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଏମ୍ସ ହେଉଛି ଆମ ରାଜ୍ୟର ଏକ ଉନ୍ନତ ମାନର ଚିକିତ୍ସାଳୟ। ସେଠାକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଆସିଥାନ୍ତି। ଭାରତୀୟ ନ୍ୟାୟ ସଂହିତା ଅନୁଯାଇ ୧୬୩ ଧାରା ଜାରୀ ହେଲେ କୌଣସି ସ୍ଥାନରେ ୪ ଜଣରୁ ଅଧିକ ଲୋକ ରହି ପାରିବେ ନାହିଁ କିନ୍ତୁ ସରକାର ସମ୍ପୂର୍ଣ୍ଣ ଏମ୍ସ ପରିସରରେ ୧୬୪ ଧାରା ଜାରି କରିବା ଦ୍ୱାରା ରୋଗୀ ତଥା ତାଙ୍କ ପରିଜନ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।

# ସାମସଙ୍ଗ ଗାଲାକ୍ସି ୱାଚ୍ ୮ ଶୃଙ୍ଖଳ ନିମନ୍ତେ ପ୍ରି-ଅର୍ଡ଼ର

**ଭୁବନେଶ୍ୱର,୨୨।୭ (ମହାଭାରତ):** ସାମସଙ୍ଗ ଯାହାକି ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍‌ସ ବ୍ରାଣ୍ଡ, ଆଜି ଗାଲାକ୍ସି ୱାଚ୍ ୮ ଏବଂ ଗାଲାକ୍ସି ୱାଚ୍ ୮ କ୍ଲାସିକରେ ଶୁଭାରମ୍ଭ କରିଛି ଯାହାକି ସମଗ୍ର ଗାଲାକ୍ସି ୱାଚ ବ୍ୟବସ୍ଥିତତାର ପରିଚୟ ମଧ୍ୟରେ ଏକ ଆଇକନିକ ଡ଼ିଜାଇନ ସ୍ଥାପିତ କରିଛି। ଗାଲାକ୍ସି ୱାଚ୍ ଅଲଟ୍ରାର କୁଶନ ଡ଼ିଜାଇନର ଭିତିଭୂମିରେ ପ୍ରସ୍ତୁତ ଏହି ଶୃଙ୍ଖଳ ଏପର୍ଯ୍ୟନ୍ତ ରହିଥିବା ସମସ୍ତ ଗାଲାକ୍ସି ୱାଚ୍ ମଧ୍ୟରେ ସବୁଠାରୁ ପତଳା ରହିଛି। ଶୁଭାରମ୍ଭର ଅଂଶବିଶେଷ ଭାବରେ, ସାମସଙ୍ଗ ଅନେକ ଗୁଡ଼ିଏ ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟ ତଥା ଅନନ୍ୟ ପ୍ରି-ଅର୍ଡ଼ର ସୁବିଧା ପ୍ରଦାନ କରୁଅଛି। ଗାଲାକ୍ସି ୱାଚ୍ ୮ ୪୦ମିମି ବିଟିର ମୂଲ୍ୟ ୩୨,୯୯୯ ଟଙ୍କାଥିବା ବେଳେ, ୪୦ମିମି ଏଲଟିଇ ସଂସ୍କରଣ ୩୬,୯୯୯ ଟଙ୍କାରେ ଉପଲବ୍ଧ ହେବ। ବଡ଼ ୪୪ମିମି ବିଟି ଏବଂ ଏଲଟିଇ ପ୍ରକାର ଗୁଡ଼ିକ ଯଥାକ୍ରମେ ୩୫,୯୯୯ ଏବଂ ୩୯,୯୯୯ ଟଙ୍କା ମୂଲ୍ୟ ରହିଛି। ଗାଲାକ୍ସି ୱାଚ୍ ୮ କ୍ଲାସିକ୍ ୪୬ମିମି ବିଟି ମଡ଼େଲର ମୂଲ୍ୟ ୪୬,୯୯୯ ଟଙ୍କା ଥିବାବେଳେ ଏଲଟିଇର ପ୍ରକାର ୫୦,୯୯୯ ଟଙ୍କାରେ ଉପଲବ୍ଧ ହେବ।

### ଦୁଷ୍କର୍ମ ମାମଲାରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଗିରଫ

# କଂଗ୍ରେସର ଦୋମୁହାଁ ନୀତି ସ୍ପଷ୍ଟ ହୋଇଛି

**ଭୁବନେଶ୍ୱର,୨୨।୭ (ମହାଭାରତ):** ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଗତକାଲି ଭୁବନେଶ୍ୱରର ମଂଚେଶ୍ୱର ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଆଧାରରେ ମୁଖ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଇଛି। ସେ ହେଲେ କଂଗ୍ରେସ ଦଳର ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ। ଗତ କିଛିଦିନ ତଳେ ଅଭିଯୁକ୍ତ ଉଦିତ୍ ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ଏଥିସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଇସ୍ତଫା ଦାବି କରି କୁଶପୁତଳିକା ଦାହ କରୁଥିଲେ। ରାଜରାସ୍ତା ବନ୍ଦ କରି ଜନସାଧାରଣଙ୍କୁ ହଇରାଣ କରୁଥିଲେ। ଆଜି ତାଙ୍କର ଅସଲ ଚେହେରା ପଦାରେ ପଡିଯାଇଛି। ମହିଳାଙ୍କୁ ନ୍ୟାୟ ପାଇଁ ଦେବାପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜେ ଦୁଷ୍କର୍ମୀ ବୋଲି ଜଣାପଡ଼ିଛି। କଂଗ୍ରେସ ଦଳ ବର୍ତମାନ ସୁଦ୍ଧା ଉଦିତ୍‌ଙ୍କୁ ଖାଲି ପଦରୁ ନିଲମ୍ବନ କରି ନିଜ କର୍ତବ୍ୟ ଶେଷ କରିଦେଇଛି ବୋଲି ଭାବୁଛି। ଆଉ ତାଙ୍କ ଦଳ ଉପରେ କେହି ଆଙ୍ଗୁଠି



ଉଠାଇବେ ନାହିଁ ବୋଲି ଆଶାବାନ୍ଧି ବସିଛି। ଏହାକୁ ଯେତେ ନିନ୍ଦା କଲେ ତାହା କମ୍ ହେବ। ଉଦିତ୍ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ହେବାର ବହୁ ପୂର୍ବରୁ ମଧ୍ୟ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ୨୭ ମେ ୨୦୨୪ରେ ଖଣ୍ଡଗିରି ଥାନାରେ ଉଦିତ୍‌ଙ୍କ ନାମରେ ଡକାୟତି ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ଟଙ୍କା ଠକେଇ, ଅପରାଧିକ ମାନସିକତା ରଖି ମାରଧର କରିବା ଭଳି ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି। ଏସବୁ ଅପରାଧ ବିଷୟରେ ଜାଣିବା ସତ୍ତ୍ୱେ ଥାନାରେ ଏଫଆଇଆର୍ ହେବାର ମାତ୍ର ତିନି ମାସ ପରେ ଅର୍ଥାତ୍ ୧୩ ଅଗଷ୍ଟ ୨୦୨୪ରେ କଂଗ୍ରେସ ତାଙ୍କୁ ପୁରସ୍କାର ଦେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦେଇଛି। ଏଭଳି ଅପରାଧିଙ୍କୁ କାହିଁକି ନିଯୁକ୍ତି ଦିଆଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ କଂଗ୍ରେସର ଦୋମୁହାଁ ନୀତି ସ୍ପଷ୍ଟ ହୋଇଛି ବୋଲି ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଶ୍ରୀ ପଣ୍ଡା କହିଛନ୍ତି ଯେ, କିଛିଦିନ ତଳେ ପିସିସି ସଭାପତି ଭକ୍ତ ଦାସ ବାଲେଶ୍ୱର ଏଫ୍‌ଏମ୍ କଲେଜ ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିଲେ। ରାଜରାସ୍ତାକୁ ଓହ୍ଲାଇଥିଲେ। ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିଲେ। ଆଜି ତାଙ୍କ ଦଳର ନେତା ଯାହା ନାଁରେ ଦୁଷ୍କର୍ମଠାରୁ ଆରମ୍ଭ ଅନ୍ୟାନ୍ୟ ଆପରାଧିକ ମାମଲା ରହିଛି ସେଭଳି ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେଇଥିବାରୁ ନୈତିକତା ଦୃଷ୍ଟିରୁ ଭକ୍ତ ଦାସ ନିଜେ ଦିଅନ୍ତୁ। କଂଗ୍ରେସର ସର୍ବୋଚ୍ଚ ନେତା ରାହୁଲ ଗାନ୍ଧୀଙ୍କ ସହ ମଧ୍ୟ ଅଭିଯୁକ୍ତ ଉଦିତ୍‌ଙ୍କ ସହ ଫଟୋ ରହିଛି। ରାହୁଲ ଗାନ୍ଧୀ ପ୍ରତ୍ୟେକ ଘଟଣାରେ ଦିଲ୍ଲୀରୁ ଟୁଇଟ୍ କରୁଥିବାବେଳେ ନିଜ ଦଳର ନେତାଙ୍କ ଆପରାଧିକ କାର୍ଯ୍ୟକଳାପ ମାମଲାରେ ଟୁଇଟ୍ କରିବେ କି? କଂଗ୍ରେସର ରାଷ୍ଟ୍ରୀୟ ମହିଳା ସଭାନେତ୍ରୀ ଅଲକା ଲାମ୍ବା ଯିଏକି ଦିଲ୍ଲୀରେ ବସି ଓଡ଼ିଶାର ଯୁବ ବିଧାୟିକା ସୋଫିଆ ଫିରଦୋସଙ୍କୁ ଡକାଇ ନାରୀ ସୁରକ୍ଷା ପ୍ରସଙ୍ଗରେ ସେଠାରେ ସାମ୍ବାଦିକ ସମ୍ମିଳନୀ କରୁଥିଲେ ଆଜି ତାଙ୍କ ନେତାଙ୍କ ବଳାତ୍କାର ମାମଲା ଉପରେ କୌଣସି ସାମ୍ବାଦିକ ସମ୍ମିଳନୀ କରିବେ କି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ଆରଡିସି ଅଫିସ ଘେରିଲା ବିଜେଡି

**ଭୁବନେଶ୍ୱର,୨୨।୭ (ମହାଭାରତ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ମହିଳାଙ୍କ ବିରୋଧରେ ଅପରାଧରେ ଅହେତୁକ ବୃଦ୍ଧି ବିରୋଧରେ ଓ ଏଫଏମ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ବିଜୁ ଜନତା ଦଳ ତରଫରୁ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆରଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ, ବିଜେଡିର ହଜାର ହଜାର କର୍ମୀ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ମୋହନ ସରକାର ହଟାଅ ନାରାରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇଥିଲା । ଦଳ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ସ୍ମାରକପତ୍ର ଏହି ତିନି ଆରଡିସିଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

ବିଜେଡି ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିବା ସହିତ ନାରୀ, ଛାତ୍ରୀ ଓ ଶିଶୁ ମାନଙ୍କ ବିରୋଧରେ ଅପରାଧ ବୃଦ୍ଧିପାଇଛି ବୋଲି କୁହାଯାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ, ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ନ୍ୟାୟ ନପାଇ ଏଫଏମ କଲେଜ ଛାତ୍ରୀ ଆତ୍ମାହୂତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ୟା ଓ ନିନ୍ଦା ଆଣିଛି । ଏଫଏମ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଗୋଟିଏ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସିଛି। ଏହାଛଡା ଦୁଷ୍କର୍ମ, ଗଣଦୁଷ୍କର୍ମ ରାଜ୍ୟରେ ଏକ ନିତି ଦିନିଆ ଘଟଣା ହୋଇଛି । ରାଜ୍ୟରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି।



ଏଫଏମ କଲେଜରେ ଛାତ୍ରୀ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ, ଜଣେ ଉଚ୍ଚନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ପାଇଁ ବିଜୁ ଜନତା ଦଳ ଦାବି କରୁଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ରାଜ୍ୟର ତିନୋଟି ଯାକ ଆରଡିସି ଅଫିସ ସମ୍ମୁଖରେ ଦଳ ତରଫରୁ ପ୍ରଦର୍ଶନ କରାଯାଇଥିଲା ।

କଟକ ଆରଡିସି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭରେ ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗପ୍ରତାପ ଜେନା, ଶ୍ରୀ ସୁଦାମ ମାରାଣ୍ଡି, ଗପ୍ରଣବ ବଳବନ୍ତରାୟ, ଶ୍ରୀମତୀ ସୁଲୋଚନା ଦାସ, ସୁବାସ ସିଂ, ଦେବାଶିଷ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ। ସମ୍ବଲପୁର ଆରଡିସି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ। ବ୍ରହ୍ମପୁର ଆରଡିସି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭରେ ସଞ୍ଜୟ କୁମାର ଦାସବର୍ମା, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ମନୋହର ରନ୍ଧାରୀ ପ୍ରମୁଖ ସାମିଲ ଥିଲେ।

# ଇରାନ ଉପରେ ଆକ୍ରମଣ

ଇରାନ ଉପରେ ଏଭଳି ଆକ୍ରମଣ ନିମନ୍ତେ ଆମେରିକା ବହୁ ଦିନରୁ ଯୋଜନା କରିଥିଲା ଏବଂ ପ୍ରସ୍ତୁତି ଚଳାଇଥିଲା। ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲକୁ ଆମେରିକା ହିଁ ପ୍ରୋତ୍ସାହିତ କରିଥିଲା। ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବା ଦାବି କରି ବାହା ବା ନେଉଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଉପରେ ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇପାରିଲେନି ? ଇରାନ ଉପରେ ଆକ୍ରମଣକୁ ଟ୍ରମ୍ପ ଯଥାର୍ଥ ବୋଲି କହିଛନ୍ତି। ଟ୍ରମ୍ପଙ୍କ କହିବାନୁଯାୟୀ ଇରାନ ଏକ ଆତଙ୍କବାଦୀ ରାଷ୍ଟ୍ର। ଏହା ପରାମାଣୁ ଶକ୍ତି ସମ୍ପନ୍ନ ହେବା ସମଗ୍ର ବିଶ୍ୱ ବା ମାନବଜାତି ପାଇଁ ବିପଦ। ଏହା ସତ କଥା। କିନ୍ତୁ ଇରାନ ଯଦି ଆତଙ୍କବାଦୀ ରାଷ୍ଟ୍ର, ତେବେ ପାକିସ୍ତାନ କ"ଣ ? ଇରାନ ଅପେକ୍ଷା ପାକିସ୍ତାନ ନିକଟରେ ଅଧିକ ପରମାଣୁ ଅସ୍ତ୍ର ରହିଛି। ଗୋଟିଏ ପଟେ ଟ୍ରମ୍ପ ପାକିସ୍ତାନକୁ ସାହାଯ୍ୟ, ସମର୍ଥନ କରୁଛନ୍ତି ଏବଂ ଏହାକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନ୍ୟ ପଟେ ଇରାନ ଉପରେ ଆକ୍ରମଣ କରୁଛନ୍ତି। ଏହା ଟ୍ରମ୍ପଙ୍କ ଦୋମୁହାଁ ନୀତିର ପରିଚାୟକ। ଇରାନ ତୁଳନାରେ ପାକିସ୍ତାନ ଅଧିକ ମାରାତ୍ମକ ଦେଶ। ପାକିସ୍ତାନ ହେଉଛି ବିଶ୍ୱ ଆତଙ୍କବାଦର ଏନ୍ତୁଡ଼ିଶାଳ। ପହଲଗାମ ଆତଙ୍କୀ ହମଲା ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଉପରେ ଆକ୍ରମଣ କରି ସେଠାରେ ଥିବା ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲା। ଭାରତୀୟ ସେନାର ଆକ୍ରମଣରେ ଭୟଭୀତ ପାକିସ୍ତାନ ଆମେରିକାର ଶରଣ ପଶିଥିଲା। ଆମେରକିା ଚାପରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବିରତି ଲାଗି ସହମତ ହେଲେ। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଆମେରିକାର ଏହି ନୀତି ସମସ୍ତଙ୍କ ପାଇଁ ଲାଗୁ ହେବା ଉଚିତ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଆମେରିକା ନିଜେ କାହିଁକି ପରମାଣୁ ଅସ୍ତ୍ର ଗଚ୍ଛିତ ରଖିଛି ? ବିଶ୍ୱରେ ପ୍ରଥମେ କିଏ ପରମାଣୁ ଅସ୍ତ୍ର ବ୍ୟବହାର କରିଥିଲା। ଏବେ ବିଶ୍ୱର ଅନେକ ଦେଶରେ ପରମାଣୁ ଅସ୍ତ୍ର ରହିଛି। ଉତ୍ତର କୋରିଆ ନିକଟରେ ମଧ୍ୟ ଏହା ରହିଛି। ଆମେରିକାର ଯଦି ସତସାହସ ଅଛି ତେବେ ଉତ୍ତର କୋରିଆ ଉପରେ ଆକ୍ରମଣ କରି ଏହାର ପରମାଣୁ ଅସ୍ତ୍ରକୁ ନଷ୍ଟ କରିବା ଉଚିତ। ସେଠାରେ କିମ ଜଙ୍ଗ ଉନ ଦୀର୍ଘ ବର୍ଷ ହେବ ଏକଛତ୍ରବାଦୀ ଶାସନ ଚଳାଇଆସୁଛନ୍ତି। ତାଙ୍କୁ ଆମେରିକା ଗାଦିଚ୍ୟୁତ କରିବାକୁ ପ୍ରୟାସ କରିବା ଉଚିତ। ଏହା ଦ୍ୱାରା ଉତ୍ତର କୋରିଆର ଅନେକ ନିରୀହ ବ୍ୟକ୍ତି ଅତ୍ୟାଚାରରୁ ରକ୍ଷା ପାଇପାରନ୍ତେ। ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ସଙ୍କଳ୍ପ ନେଇଛି। ମଧ୍ୟପ୍ରାଚ୍ୟରେ ଥିବା ପ୍ରତ୍ୟେକ ଆମେରିକୀୟଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ କେବଳ ଟ୍ରମ୍ପ ଦାୟୀ। ଆମେରିକାର ଆକ୍ରମଣ ପରେ ଇରାନ ହରମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ରୁଟ ଦେଇ ବିଶ୍ୱର ଏକ ତୃତୀୟାଂଶ ତୈଳ ପରିହନ ହୋଇଥାଏ। ହରମୁଜ ପ୍ରଣାଳୀ ବନ୍ଦ ହେଲେ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇବ ଏବଂ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ। ତୈଳ ଦର ବୃଦ୍ଧି ପାଇଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଭିବୃଦ୍ଧି ହାର କମିବ। ଭାରତ ପାଇଁ ଏହା ଏକ ଆହ୍ୱାନ। ୨୦୨୦ରେ କୋଭିଡ ମହାମାରୀ ଆରମ୍ଭ ହେବା ପରଠାରୁ ଭାରତ ଅର୍ଥନୈତିକ କ୍ଷେତ୍ରରେ ସଂଘର୍ଷ କରିଆସୁଛି। ମହାମାରୀ ପରେ କ୍ରମାଗତ ଭାବେ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ଲାଗି ରହିବା ଭାରତୀୟ ଅର୍ଥନୀତି ପାଇଁ ବିପଦର କାରଣ ହୋଇଛି। ଏଥିପାଇଁ ଭାରତର ଅଭିବୃଦ୍ଧି ହାର ଆଶାଠାରୁ କମିଛି। ଏବେ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଜଟିଳ ହେବା ପରେ ଆଗକୁ ଭାରତୀୟ ଅର୍ଥନୀତି ସଙ୍କଟର ସମ୍ମୁଖୀନ ହୋଇପାରେ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**


ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍ଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।


ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍ଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ଘେରାଏ ପୃଥିବୀର ଅସରନ୍ତି ମଣିଷ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଲଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଙ୍ମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଚ୍ଛୁର କରି ନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଝଲିଛି ନିକର" (ଲେଖକ-ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଥଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଲୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଝଲି ଝଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଳି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !

**ବିଷମ କଟକ, ରାୟଗଡ**

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

**॥ ବାଦଲ ଭୂୟାଁ ॥**

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ

କଳାହାଣ୍ଡି, (ମହାଭାରତ) : ଭବାନୀପାଟଣା,୨୨/୭: କଳାହାଣ୍ଡି ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ



ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସୂଚନା ଓ ଜନ ସଂପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ ଏବଂ ହେମସାଗର ମହାନନ୍ଦ ତଥା ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଗଣ ଉପସ୍ଥିତ ଥିଲେ। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋତ୍ତମ ରେଜଲ୍ଟ ଓ ସର୍ବାଧିକ ଏ୧ ଗ୍ରେଡ଼ ହାସଲ ଲକ୍ଷ୍ୟ ନେଇ ପ୍ରକାଶ ଅଭିନବ କାର୍ଯ୍ୟକ୍ରମର ଉଦଘାଟନ ମଧ୍ୟ କରାଯାଇଥିଲା। ସମ୍ମିଳନୀରେ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ଓ ଭୂମିକା, ବିଦ୍ୟାଳୟ ସୁପରିଚାଳନା, ବିଦ୍ୟାଳୟ ସ୍ତରୀୟ ଶୈକ୍ଷିକ ଉନ୍ନତି ଯୋଜନା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଆର୍ଥିକ ପରିଚାଳନା, ପ୍ରି ମାଟ୍ରିକ ଛାତ୍ରବୃତ୍ତି, ବିଦ୍ୟାଳୟ କ୍ରୀଡ଼ା, ପଞ୍ଚ ସଖା ଶିକ୍ଷା ସେତୁ, ବିଭାଗୀୟ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆଦି ବିଷୟରେ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବଗତ କରିବା ସହ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ପ୍ରଦାନ କରାଯାଇଥିଲା। ନର୍ଲା ବିଇଓ ତପିମଣି ଜାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ବିରେନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ରୁପସିଂ ରାଉତ, ସୋମନାଥ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭବାନୀପାଟଣାର ପ୍ରଧାନଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଶ୍ୱାସରୁଦ୍ଧ ସ୍ଥିତିରେ ଜୁନାଗଡ଼ କେନାଲ : ଚାଷୀଙ୍କ ସ୍ଥିତି-ଦୁଃସ୍ଥିତି ମୁହାଁ !

ଜୁନାଗଡ଼ /(ମହାଭାରତ)କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ମଧ୍ୟକୁ ଦେଇ ଯାଇଥିବା ଜଳସେଚନ କେନାଲର ସ୍ଥିତି ଏବେ ବିପନ୍ନ ହୋଇପଡ଼ିଛି।ମେରିଅ୍ନଦଲି ଦେଇ ଆସିଥିବା ଇନ୍ଦ୍ରାବତୀ ଜଳସେଚନ ବିଭାଗର ଏହି କେନାଲ ସହର କଡେ କଡେ ଏବର ଶ୍ରୀଦୁର୍ଗା ନଗର, ସାହୁପଡା ପଛପଟ ହୋଇ ଜୁନାଗଡ଼-ବ୍ରାହ୍ମଣୀଗୁଡା ରାସ୍ତା କ୍ରସକରି କଲମପୁର ଛକ ଗ୍ରାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ରହିଛି।ଏହି କେନାଲ ଉପରେ ଅଞ୍ଚଳର ଶହ ଶହ ଚାଷୀ ନିର୍ଭର କରୁଥିବା ବେଳେ, କେନାଲ ଓ ଜଳସେଚନର ଦୁଃସ୍ଥିତି କୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି।ପୂର୍ବରୁ ଏହି କେନାଲ ଦେଇ ଜଳସେଚଚନ ଖାଲିଅଭଟା ସହ ତାଲବନ୍ଦପଡା ଶେଷ ମୁଣ୍ଡ ପର୍ଯ୍ୟନ୍ତ ଯାଉଥିବା ଚାଷୀମାନେ ପ୍ରକାଶ କରନ୍ତି।ହେଲେ ଏବେ ଏହି



କେନାକର ଗତିପଥ ଗାୟତ୍ରୀ ମନ୍ଦିର ଠାରୁ କେଉଁଆଡ଼େ ଉଭେଇ ଯାଇଛି, ତାହା ଜଣାପଡୁ ନାହିଁ।ବ୍ରାହ୍ମଣୀଗୁଡା ରାସ୍ତା ପାଖରୁ ଗାୟତ୍ରୀ ମନ୍ଦିର ଛକ ମଧ୍ୟରେ ଅଧାରୁ କେନାଲ ରାସ୍ତା ଦୀର୍ଘଦିନରୁ ଅବରୋଧ ହୋଇଛି।ସମ୍ପୃକ୍ତ କେନାଲର ସଂଲଗ୍ନ ସରକାରୀ ଜମି ଲୋକେ ଅନଧିକୃତ ଭାବେ ବେଆଇନ ଅକ୍ତିଆର କରିଥିବା ସର୍ବସାଧାରଣରେ ଅଭିଯୋଗ ହୁଏ।ଗ୍ରାୟତ୍ରୀ ମନ୍ଦିର ଆଗକୁ ନିଜର ଗତିପଥ ଅଣ୍ଡାଳୁଥିବା ଏହି କେନାଲର ସ୍ଥିତି ସଙ୍ଗିନ ହୋଇଛି।ପୂର୍ବରୁ କୁଆଡେ ଏହି କେନାଲର ଗତିପଥ ଯାଇଥିବା ଜାଗାରେ ଏବେ ବଡ଼ବଡ଼ ଶିଳ୍ପପତି-ବ୍ୟବସାୟୀଙ୍କ କବଜା ରହିଛି।କେନାଲ ପାର୍ଶ୍ୱବର୍ତ୍ତି ଲୋକେ କେନାଲକୁ ଡ୍ରେନ ଭଳି ବ୍ୟବହାର କରି କୁଢ଼କୁଢ଼ ଅଳିଆ ଆବର୍ଜନା ପକାଉଛନ୍ତି।କେନାଲର ବହୁବିଧ ସମସ୍ୟା ସମ୍ପର୍କରେ ସଂପୃକ୍ତ ଇନ୍ଦ୍ରାବତୀ ଜଳସେଚନ ବିଭାଗର ଯନ୍ତ୍ରୀଙ୍କୁ ମତାମତ ନେବାରୁ ଏ ଦିଗରେ ବିହିତ ପଦକ୍ଷେପ ନେବା ଦିଗରେ ପଦକ୍ଷେପ ନିଆଯିବା ପ୍ରକାଶ କରିଛନ୍ତି।ସମ୍ପୃକ୍ତ କେନାଲର ସୁଧରୁଢ଼ ବ୍ୟବସ୍ଥା ସହ କେନାଲ ଜମି କବଜା ଉପରେ ଏକ ଆରଡିସି ସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ଓଡିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ ଚେତାବନୀ

ଆର ଉଦୟଗିରି, (ମହାଭାରତ) : ମଙ୍ଗଳବାର ଅପରାହ୍ନ ୨ଘ ସମୟରେ ରା ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବ୍ଲକ ସ୍ତରୀୟ କାନଭେନସନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଲୋକନାଥ ନାହାକ ବ୍ଲକ ସମ୍ପାଦକ ଶ୍ରୀ ସୁବାସ ଚନ୍ଦ୍ର ସାହୁ, ଶିକ୍ଷକ ଶ୍ରୀ ରାଧାକୃଷ୍ଣ ପଣ୍ଡା ଓ ଶ୍ରୀ ସିଦ୍ଧାର୍ଥ ଶଙ୍କର ଚୌଧୁରୀ ମଂଚାସୀନ ଥିଲେ । ବର୍ତ୍ତମାନ ସମୟରେ ଏହି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ହୋଇଯାଇଥିଲେ ମଧ୍ୟ ଶିକ୍ଷକ ମାନଙ୍କର କୌଣସି ସମସ୍ୟା ପୂରଣ ହୋଇ ପାରିନାହିଁ । ୧୯୪ ବିଦ୍ୟାଳୟ ପାଇଁ ଅନୁଦାନ ବ୍ୟବସ୍ଥା, ପେନସନ ବ୍ୟବସ୍ଥା ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ବୈମାତୃକ ମନୋଭାବକୁ ନିନ୍ଦା କରାଯାଇଥିଲା । ବ୍ଲକ ସ୍ତରୀୟ କାନଭେନସନ ପରେ ଆଗାମୀ ୨ ତାରିଖରେ ଜିଲ୍ଲା ସ୍ତରୀୟ କାନଭେନସନ କୁଜାସିଂ ହାଇସ୍କୁଲରେ କରିବା ପାଇଁ ଘୋଷଣା କରାଯାଇଥିଲା । ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେବା ପାଇଁ ଓ ଅଗଷ୍ଟ ୧୬ ତାରିଖ ଦାବୀ ଦିବସ ଅବସରରେ ସମଗ୍ର ଓଡ଼ିଶାର ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ନେଇ ପି ଏମ ଜି ଛକରେ ଦୁର୍ବାର ଆନ୍ଦୋଳନ କରିବା ପାଇଁ ମଂଚାସୀନ ଅତିଥି ମତ ସାବ୍ୟସ୍ତ କରିଥିଲେ ।

# ଯୁବତୀଙ୍କୁ ଟଣାଓଟରା କରି ଧରାପଡ଼ିଲେ ୨ ଯୁବକ, ଥାନାରେ ଅଭିଯୋଗ

ପୁରୀ, (ମହାଭାରତ): ପୁରୀ ସମଙ୍ଗ ପାର୍କିଂରେ ଉତ୍ପାତ । ଧରାପଡ଼ିଲେ ୨ ଯୁବକ , ଖସିଗଲେ ଅନ୍ୟ ୪ ଜଣ ଯୁବକ। ସୋମବାର ରାତିରେ ୩ ଜଣ ଯୁବତୀ ଶ୍ରୀମନ୍ଦିରରୁ ଦର୍ଶନ ସାରି ସମଙ୍ଗ ପାର୍କିଂ ରାସ୍ତାରୁ କଣ୍ଟପୁର ଗାଁକୁ ଯିବା ସମୟରେ ଏକ ପୋଲ ନିକଟରେ ୬ ଜଣ ଯୁବକ ବସିଥିଲେ। ସେମାନେ ଯୁବତୀମାନଙ୍କୁ ଟଣାଓଟରା କରିଥିଲେ । ଯୁବତୀଙ୍କ ମଧ୍ୟରୁ ଜଣଙ୍କର ଭାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିବା ଲାଗି ଉଦ୍ୟମ କରୁଥିବା ବେଳେ ୪ଜଣ ଖସି ପଳାଇଥିଲେ। ୨ଜଣଙ୍କୁ ଧରି ପିସିଆରକୁ ହସ୍ତାନ୍ତର କରାଯାଇଛି। ଏନେଇ ବିଳମ୍ବିତ ରାତିରେ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସଦରଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ କହିଛନ୍ତି ଏ ନେଇ ଥାନାରେ ଅଭିଯୋଗ ହୋଇଛି । ଟଙ୍କା ଛଡାଇନେଇଥିବା ଅଭିଯୋଗ କରାଯାଇଛି।

# ଅବକାରୀ ବିଭାଗ ପକ୍ଷରୁ ମଦ ଓ ବାଇକ ଜବତ, ୩ଗିରଫ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ଅବକାରୀ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନ ମାନଙ୍କରୁ ଚଢାଉ କରି ୧୩୫ ଲିଟର ବେଆଇନ ହାତରନ୍ଧା ଦେଶୀ ମହୁଲି ମଦ ଜବତ କରିବା ସହିତ ଘଟଣାରେ ସମ୍ପୃକ୍ତ ୨ ଜଣ ପୁରୁଷ ଓ ଜଣେ ମହିଳା ମଦ ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରି ପୃଥକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ଯୋଡା ଅବକାରୀ ବିଭାଗ ଅଧୀନ କ୍ୟାମ୍ପହଟିଂ ନିକଟରୁ ବେଆଇନ ରନ୍ଧା ମହୁଲି ମଦ ମୋଟର ଟ୍ୟୁବ୍ ସାହାଯ୍ୟରେ ଭର୍ତ୍ତି ହୋଇ ଯୋଡା ଅଞ୍ଚଳର ବିଭିନ୍ନ ସ୍ଥାନକୁ ଯୋଗାଣ କରିବା ଉଦ୍ଦେଶ୍ୟରେ ଆଣୁଥିବା ବେଳେ ଯୋଡା ଅବକାରୀ ବିଭାଗ ବେଆଇନ ମହୁଲି ମଦ ଓ ବାଇକକୁ ଜବତ କରିବା ସହିତ ୨ ଜଣକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ଜଣାପଡିଛି । ଘଟଣାରୁ ପ୍ରକାଶ ଯେ,କ୍ୟାମ୍ପହଟିଂ ଅଞ୍ଚଳରୁ ବେଆଇନ ରନ୍ଧା ୧୨୦ ଲିଟର ମହୁଲି ମଦ ଟ୍ୟୁବ୍ ସାହାଯ୍ୟରେ ବୋଲେରୋ (ଓଆର-୦୯ସି-୫୯୭୫) ରେ ଭର୍ତ୍ତି କରି ଯୋଡାର ବିଭିନ୍ନ ସ୍ଥାନରେ ଯୋଗାଣ କରିବା ଉଦ୍ଦେଶ୍ୟରେ ଆଣୁଥିବା ସମୟରେ କୁନ୍ଦୁରୁନାଲା ନିକଟରେ ଧରାପଡିଥିବା ବିଭାଗ ସୂତ୍ରରୁ ଜଣାପଡିଛି । ଘଟଣାର ସମ୍ପୃକ୍ତ ୨ ଜଣ ଗିରଫ ହୋଇଥିବା ବେଳେ ଜଣେ ଫେରାର ହେଉଥିବା ବେଳେ ଅବକାରୀ ବିଭାଗର ଅଧିକାରୀ କାବୁ କରିବାରେ ସକ୍ଷମ ହୋଇଥିଲେ । ଗିରଫ ଦ୍ୱୟ ଅଭିଯୁକ୍ତ ହେଲେ କ୍ୟାମ୍ପହଟିଂ ଅଞ୍ଚଳର ରାମ ଓରାମ (୩୪) ଓ ମଙ୍ଗଳ ହେମ୍ବ୍ରମ (୩୧) । ସେହିପରି ଅନ୍ୟ ଏକ ଘଟଣାରେ ବିଭାଗର ଚଢାଉ କ୍ରମେ ଯୋଡା ପୌରାଞ୍ଚଳ ଅଧୀନସ୍ଥ ହୁଡିସାହି ଅଞ୍ଚଳର ଗୀତା ମହାକୁଡ (୪୪) ବେଆଇନ୍ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରିଥିଲା । ଗୀତା ନିକଟରୁ ୧୫ ଲିଟର ମହୁଲି ମଦ ଜବତ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି । ଏ ସଂକ୍ରାନ୍ତରେ ଯୋଡା ଅବକାରୀ ବିଭାଗ ତିନୋଟି ପୃଥକ ୭୧/୨୫,୭୨/୨୫ ଓ ୭୩/୨୫ରେ ତିନୋଟି ମାମଲା ରୁଜୁ କରି ୧୩୫ ଲିଟର ମହୁଲି ମଦ ଓ ବାଇକକୁ ଜବତ କରିବା ସହିତ ଅଭିଯୁକ୍ତ ତ୍ରୟକୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଖବର ଯୋଡା ଅବକାରୀ ଅଧିକାରୀ ପ୍ରଶାନ୍ତ ପରିଡାଙ୍କ ଠାରୁ ଜଣାପଡିଛି ।

# ଚାଷୀଙ୍କ ଦୁଃଖ ବୁଝୁଛି କିଏ ?: ପଞ୍ଜିକରଣ କେବେ ?



ଦଶପଲ୍ଲା, (ମହାଭାରତ): ରାଜ୍ୟ ସରକାର ଙ୍କ ନିଷ୍ପତ୍ତି କ୍ରମେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିବାକୁ ଚାଷୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନ ବିକ୍ରି କରି ସରକାରୀ କ୍ଷେତ୍ର ର ସାହାଯ୍ୟ ପାଇବା ଚାଷୀ ଙ୍କ ଅଧିକାର।ତେବେ ରାଜନୈତିକ ଅଭିଶନ୍ଧି ମଧ୍ୟରେ ମଧ୍ୟଖଣ୍ଡ ସେବା ସମବାୟ ସମିତି ଆଜି ଅବହେଳିତ ଅବସ୍ଥାରେ ପଡି ରହିଛି। କେତେକ କୁ ଚକ୍ରୀ ଗୋଷ୍ଠୀ ନିଜ ସ୍ୱାର୍ଥ ପାଇଁ ମଧ୍ୟଖଣ୍ଡ ସମବାୟ ସମିତି କୁ ଜାଣି ଶୁଣି ବ୍ଲାକ ଲିଷ୍ଟ ରେ ରଖି କାଗଜ ପତ୍ର ତ୍ରୁଟି ଦର୍ଶାଇ ଏହି ଧାନ କିଣାବିକା କୁ ଘୋଳାହାଣ୍ଡି ସମବାୟ ସମିତି ଅଧୀନକୁ କରିନେଇଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଏହି ଭୁଲ ନିଷ୍ପତ୍ତି ଲାଗି ମଧ୍ୟଖଣ୍ଡ ସମବାୟ ସମିତି ବର୍ଷକୁ ପ୍ରାୟ ଛଅ ଲକ୍ଷ୍ୟ ଟଙ୍କାର ଆୟ ହରାଉଛି ଅର୍ଥାତ ୭ ବର୍ଷରେ ୪୨ ଲକ୍ଷ୍ୟ ଟଙ୍କା ମଧ୍ୟଖଣ୍ଡ ସମବାୟ ହରାଉଛି ବୋଲି ଆଲୋଚନା ହେଉଛି। ଧାନ ଦେବାକୁ ହେଲେ ମଧ୍ୟଖଣ୍ଡ ଚାଷୀଟିଏ ଘୋଳାହାଣ୍ଡି ଯିବାକୁ ପଡୁଛି ଓ ବର୍ତ୍ତମାନ ପଞ୍ଜିକରଣ ପାଇଁ ମଧ୍ୟ ଘୋଳାହାଣ୍ଡି ସମବାୟ ସମିତି ଉପରେ ନିର୍ଭର କରିବାକୁ ପଡିବ। ଚଳିତ ବର୍ଷ ଏହି ଧାନ ମଣ୍ଡି କୁ ମଧ୍ୟଖଣ୍ଡ ସମବାୟ ସମିତି ଅଧୀନକୁ ଆଣିବାକୁ ଚାଷୀ ମାନେ ଲିଖିତ ଭାବେ ଜିଲ୍ଲାପାଳ ଙ୍କୁ ଦରଖାସ୍ତ ଦେଇଥିବା ଜଣାପଡିଛି। ତେବେ ଏଥିପାଇଁ କୌଣସି ଜନ ପ୍ରତିନିଧି ଙ୍କ ଦୃଷ୍ଟି ନ ପଡିବା ଅବା କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଚାଷୀ ଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିବା ଶୁଣାଯାଉଛି। ବିଭାଗୀୟ ଅଧିକାରୀ ଓ ରାଜନେତା ଙ୍କ ମଧୁଚନ୍ଦ୍ରିକାରେ ଚାଷୀ ବଳି ପଡିଛି।କେବଳ ଭୋଟ ସମୟରେ ନେତା ଙ୍କ ଦେଖା ମାତ୍ର ଚାଷୀ ଙ୍କ ଦୁଃଖ ବୁଝୁଛି କିଏ ବୋଲି ଆଲୋଚନା ହେଉଛି। ଗତ ବିଜେଡି ସରକାର ଅମଳରେ ଏ କଳା ତାଲିକା ଭୁକ୍ତ ହୋଇଥିଲେ ମଧ ଚାଷୀ ଙ୍କ ସ୍ୱାର୍ଥ ଜଳାଞ୍ଜଳି ଦେଇ କୌଣସି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା କେବଳ ଭୋଟ ରାଜନୀତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଦେଖାଯାଉ ନୂତନ ସରକାର ତଥା ମୋହନ ସରକାର କେବେ ଚାଷୀ ମାନଙ୍କ ସ୍ୱାର୍ଥ କୁ ଦୃଷ୍ଟିରେ ରଖି କେତେ ଶୀଘ୍ର ସମାଧାନ କରୁଛନ୍ତି ଓ ଚଳିତ ବର୍ଷ ଧାନ ଦେବା ପାଇଁ ପଞ୍ଜିକରଣ ବାବଦରେ ଘୋଳାହାଣ୍ଡି ସମବାୟ କୁ ଯାଉଛନ୍ତି ନା ମଧ୍ୟଖଣ୍ଡ ସମିତି ରେ ପଞ୍ଜିକରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କଟକ ଜିଲ୍ଲା ଦମ୍ପତି

ଗଜପତି, (ମହାଭାରତ) : ଆଜି ଗଜପତି ଜିଲ୍ଲାରୁ ୭୨ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀ ପୋଷ୍ୟ ସନ୍ତାନ ଭାବେ କଟକ ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପିତୃମାତୃହୀନ ଏହି ଶିଶୁଙ୍କୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ, ପାରଳାଖେମୁଣ୍ଡିଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୨ ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍



ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୧୨ ବର୍ଷ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର, ଶିଶୁ ମଙ୍ଗଳ ସମିତି ସଦସ୍ୟା ଶ୍ରୀମତୀ ମମତା ଶତପଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କଣ୍ଟାବଣି ଗ୍ରାମରେ ଚଞ୍ଚକତା କରାଯାଇଥିବା ସ୍ୱତନ୍ତ୍ର ପଲ୍ଲିସଭାକୁ ଅସିଦ୍ଧ ଘୋଷଣା ଦାବିରେ ବିକ୍ଷୋଭ



ରାଇରଙ୍ଗପୁର , (ମହାଭାରତ) : ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ପଞ୍ଚାୟତର କଣ୍ଟାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାୟନ ପାଇଁ ୫୭ ଏକର ସରକାରୀ ଜମି ଅଧିଗ୍ରହଣ ନିମନ୍ତେ ଆୟୋଜିତ ସ୍ୱତନ୍ତ୍ର ପଲ୍ଲି ସଭାରେ ଚଞ୍ଚକତା କରାଯାଇଥିବା ନେଇ ଆଜି ମଙ୍ଗଳବାର ଦିନ ମଧ୍ୟାହ୍ନରେ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସର ଜିଲ୍ଲା ସଭାପତି ଭୁବନ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା ।ଏଥିରେ ରାଜ୍ୟ ଆଦିବାସୀ ସେଲ ଅଧ୍ୟକ୍ଷ ତଥା ପ୍ରାକ୍ତନ କେନ୍ଦୁଝର ସାଂସଦ ଯଶୋବନ୍ତ ସିଂ ଲାଗୁରୀ,ପିସିସି ସଂପାଦକ ଲକ୍ଷ୍ମୀଧର ସିଂ,ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ,ପ୍ରାକ୍ତନ ବିଧାୟକ ପ୍ରହଲ୍ଲାଦ ପୁର୍ତ୍ତି,ପ୍ରାକ୍ତନ କଂଗ୍ରେସ ବିଧାୟକ ଶାମ ଚରଣ ହାଁସଦା,ଭଜହରି ମହାନ୍ତ, ରୂପକ ମହାନ୍ତି ସମେତ କଣ୍ଟାବଣିଗ୍ରାମର ପିଡିତାମାନେ ସାମିଲ ହୋଇଥିଲେ ।ସରକାରଙ୍କ ଆଦିବାସୀ ମାରଣ ନୀତି ଉପରେ ବର୍ଷିଥିଲେ ।ପରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ଏକ ଲିଖିତ ଦ୍ୱିପତ୍ର ପ୍ରଦାନ କରିଥିଲେ ।ଦାବିଗୁଡିକୁ ହେଲା ଚଞ୍ଚକତା କରି କରାଯାଇଥିବା ପଲ୍ଲୀ ସଭାକୁ ବାତିଲ କରି ଆଉଥରେ ପଲ୍ଲିସଭା କରାଯିବା,ବିଡିଓ ଧାନାଇ ଚରଣ ଟୁଡୁଙ୍କୁ ବଦଳି,ଆଦିବାସୀଙ୍କ ଉପରେ ମିଥ୍ୟା ମାମଲା ପ୍ରତ୍ୟାହାର,ପୋଲିସ ଦମନ ଲୀଳା ବନ୍ଦ କରାଯାଉ ।

# କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ନିମନ୍ତେ ପୁଲିସ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଏକ ସମନ୍ୱୟ ବୈଠକ

ସମ୍ବଲପୁର,(ମହାଭାରତ) : କାର୍ଯ୍ୟସ୍ଥଳରେ ନାରୀମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନାରୁ ସୁରକ୍ଷା, ନିଷେଧ ଓ ପୁନଃସଂଧାନ ପାଇଁ ଘୋଷିତ ଚଡଝଐ ଆଇନ ୨୦୧୩ ଅନୁଯାୟୀ ପୁଲିସ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ ଏକ ସମନ୍ୱୟ ବୈଠକ ତପସ୍ୱିନୀ କକ୍ଷ ଠାରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା. ପ୍ର.ସେ)ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମ୍ରୂ (ଭା.ପୋ.ସେ),ସମ୍ବଲପୁର, ସମ୍ବଲପୁର ମହାନଗର ନିଗମ ର ଆୟୁକ୍ତ ଶ୍ରୀ ବେଦଭୂଷଣ (ଭ୍ରା.ପ୍ର.ସେ), ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ଅଶୋକ କୁମାର ଭୋଇ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସହ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ସମ୍ବଲପୁର ମହାବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି ବୈଠକ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ମହିଳାଙ୍କ ସୁରକ୍ଷା ନିମିତ୍ତେ ଚଡଝଐ ଆଇନର ଅନୁଯାୟୀ ଦଶଜଣ କିମ୍ବା ତା'ଠାରୁ ଅଧିକ ସଦସ୍ୟ ଅନ୍ତର୍ଭୁକ୍ତ କରି ଇଣ୍ଟର୍ନାଲ କମ୍ପ୍ଲେନ୍ କମିଟି (ଓଉଉ) ଗଠନ କରାଯିବା, ସଦସ୍ୟମାନଙ୍କ ପାଇଁ ସମ୍ବେଦନଶୀଳତା ଓ କ୍ଷମତା ବୃଦ୍ଧି ଶିକ୍ଷାଦାନ ଦିଆଯିବ, ସମୟ ସୀମିତ ଅନୁସନ୍ଧାନ ଓ ପୁନଃସଂଧାନ ପ୍ରକ୍ରିୟା ନିମିତ୍ତ ନିୟମ, ବାର୍ଷିକ ରିପୋର୍ଟିଂ ଓ ପ୍ରତିପାଦନରେ ସ୍ୱଚ୍ଛତା ରଖିବା କିପରି ରହିବ, ତାଲୁକ, ବ୍ଲକ୍, ତହଶିଲ ଓ ସ୍ଥାନୀୟ ନଗର ନିଗମ/ ପ୍ରଶାସନ ମଧ୍ୟରେ ଜିଲ୍ଲା ସ୍ତରୀୟ ଖଉଉ ଗଠନ କରାଯିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଗ ବିଶ୍ୱବିଦ୍ୟାଳୟର କୁଳପତି ଉଲ୍ଲେଖ କରିଥିଲେ ଯେ ପ୍ରତ୍ୟେକ ମାମଲାକୁ ସମ୍ବେଦନଶୀଳ ଭାବରେ ନେଇ, ତାହାର ପ୍ରମାଣିକତା ଓ ମୂଳ ସତ୍ୟତା ନିମ୍ନସ୍ତରରେ ଯାଞ୍ଚ କରିବା ପରେ ଏକ ଉଚିତ ନିଷ୍ପତ୍ତି ଗ୍ରହଣ କରିବା ଦରକାର। ସେ ବାସ୍ତବ ତଥ୍ୟ ଦେଖାଇବାରେ ମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ ଓ ଦୁର୍ଘଟଣା ଘଟିବା ପୂର୍ବରୁ ସାମାଜିକ ମୁଲ୍ୟବୋଧ ଭିତ୍ତିକ ପୋଲିସିଂ ପ୍ରବଳ ଭାବରେ କାର୍ଯ୍ୟକ୍ଷମ କରାଯିବା ଉପରେ ଜୋର ଦେଇଥିଲେ। ଠଝଝଟଞ ବୁର୍ଲାର କୁଳପତି ତାଙ୍କ ମତାମତ ରଖି କହିଥିଲେ ଯେ ଅନ୍ତର୍ନିହିତ ଅଭିଯୋଗ ସମିତିରେ ପ୍ରଶାସନିକ ବ୍ୟକ୍ତିଙ୍କ ଅନ୍ତର୍ଭୁକ୍ତି ଅନିବାର୍ଯ୍ୟ ଓ ଅତ୍ୟାବଶ୍ୟକ। ଯେ ଚଡଝଐ ଆଇନ ବିଷୟରେ ସମିତି ସଦସ୍ୟମାନେ ଉପଯୁକ୍ତ ଜ୍ଞାନ ଓ ସଚେତନତା ପାଇଁ ବିଶେଷ ସେମିନାର ବା ଅଧିବେଶନ ଆୟୋଜନ କରାଯିବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ସମ୍ବଲପୁର ମ୍ୟୁନିସିପାଲ୍ କମିଶନର ଶ୍ରୀ ବେଦଭୂଷଣ(ଭ୍ରା.ପ୍ର.ସେ), ଚଡଝଐ ଆଇନର ବିଧିବିଧାନ ବିଷୟରେ ଅଧିକାରୀମାନଙ୍କୁ ସୂଚନା ପ୍ରଧାନ କରିଥିଲେ । ସେ ଉଲ୍ଲେଖ କଲେ ଯେ ପ୍ରତ୍ୟେକ ସଂସ୍ଥାରେ ଅନ୍ତର୍ନିହିତ ଅଭିଯୋଗ ସମିତି ଗଠିତ ହୋଇଛି କି ନାହିଁ, ତାହା ଯାଞ୍ଚ କରିବା ଦରକାର। ଯଦି କୌଣସି ଅଭିଯୋଗ ଆସିଥାଏ, ତେବେ ସେହି ଦିନେ ବୈଠକ ଅନୁଷ୍ଠିତ ହେଇ ଏକ ସମ୍ଭାବ୍ୟ ନିଷ୍ପତ୍ତିକୁ ଆଣିବା ଉଚିତ। ବୈଠକରେ ଉପସ୍ଥିତ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମ୍ରୂ (ଭା.ପୋ.ସେ) ଏପରି ସମ୍ବେଦନଶୀଳ ମାମଲାରେ ଅଧିକାରୀମାନେ ଦାୟିତ୍ୱବୋଧ ସହ ନିଷ୍ଠାର ସହିତ କାର୍ଯ୍ୟ କରିବା ଦରକାର ବୋଲି କହିଲେ। ସେ ଅନୁସନ୍ଧାନ ପ୍ରକ୍ରିୟାକୁ ନିରେପକ୍ଷ ଓ ପାରଦର୍ଶୀ ଭାବରେ କରିବା ପାଇଁ ଉପଦେଶ ଦେଇଥିଲେ। ସେ ମଧ୍ୟ କହିଲେ ଯେ ମହିଳା ଅଧିକାରୀମାନେ, ଯାହା ଅନୁପାତ ରୂପେ ୩୩% ଆରକ୍ଷିତ ଅଛନ୍ତି, ସେମାନଙ୍କର ଦୃଢ଼ ଭୂମିକା ଏବଂ ସ୍ୱୟଂପ୍ରେରଣା ଅତ୍ୟନ୍ତ ଆବଶ୍ୟକ। ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା. ପ୍ର.ସେ)ସ୍ପଷ୍ଟ କରିଥିଲେ ଯେ ଏପରି ସମ୍ବେଦନଶୀଳ ମାମଲାରେ ଦୃଶ୍ୟମାନ ଓ ସମୟୋପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅତ୍ୟାବଶ୍ୟକ। ଏହା ସହିତ, ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁଧ୍ୟାନ କରିପାରିବା ପାଇଁ ସମସ୍ତ କାର୍ଯ୍ୟାଳୟ ଓ ସଂସ୍ଥାନରେ ଉଉଞ୍ଚଠ ଉପକରଣ ସଚଳ ଅବସ୍ଥାରେ ରହିବା ଦରକାର ବୋଲି ସେ ଉଲ୍ଲେଖ କରିଥିଲେ ।ସମସ୍ତ ଗଭର୍ଣିଂ ବୈଠକ ନିୟମିତ ଭାବରେ କରାଯିବ ଓ ଏହି କମିଟିଗୁଡ଼ିକ ସୁଦୃଢ ଭାବରେ କାର୍ଯ୍ୟ କରିବା ପାଇଁ ଝଉଚଙ ମାନଙ୍କୁ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ରଖିଥିଲେ। ଏହା ସହିତ ଜିଲ୍ଲାପାଳ ସହାୟତା ଟୋଲ୍-ଫ୍ରୀ ନମ୍ବର ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ, ।

## ଭାରସାମ୍ୟ ହରାଇ ଟ୍ରକ ପାଲଟିଲା



କପ୍ତିପଦା : କପ୍ତିପଦା -କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁର ନୋଡାଲ ମ :ଇ ବିଦ୍ୟାଳୟ ମୁଖ୍ୟରାସ୍ତାରେ ବାଲେଶ୍ୱର ରୁ କରଞ୍ଜିଆ ଅଭିମୁଖେ ଯାଉଥିବା ଟ୍ରକ ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଛି। ସ୍ଥାନୀୟ ଲୋକେ ଗାଡିଚାଳକକୁ ଉଦ୍ଧାର କରି ଉଦଳା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇଛନ୍ତି ଗାଡ଼ିରେ ଥିବା ଚେୟାର, ଡାଇନିଂ ସେଟ, ଟେବୁଲ ଇତ୍ୟାଦି ସାମଗ୍ରୀ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯାଇ ମାଲିକଙ୍କୁ ହସ୍ତାନ୍ତର କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଖବର ପ୍ରସାରଣ ପରେ ଅସହାୟ ଭାଇ ଭଉଣୀ ଙ୍କ ପାଖରେ ସହାୟତା ର ହାତ ବଢ଼ାଇଲେ ସହୃଦୟ ବ୍ୟକ୍ତି



କପ୍ତିପଦା-(ମହାଭାରତ)କପ୍ତିପଦା - ବାପା ମା ଙ୍କ ମୃତ୍ୟୁ ପରେ ଅନାଥ ୩ ଭାଇ ଭଉଣୀ ଙ୍କ ଭବିଷ୍ୟତ କୁ ନେଇ ଜୀବନର ଦୋଛକିରେ ରହିଥିବା ବେଳେ କିଛି ବଦାନ୍ୟ ବ୍ୟକ୍ତି ସହଯୋଗ ର ହାତ ବଢାଇଛନ୍ତି। ଉଦଳା ଏନ୍ଏସି ୭ ନମ୍ବର ୱାର୍ଡ ର ଦିବାକର ମୁର୍ମୁ ୨୦୨୦ ମସିହାରେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ବେଳେ କିଛି ଦିନ ହେବ ତାଙ୍କ ସ୍ତ୍ରୀ କେଶରୀ କିଡନୀ ରୋଗରେ ଆଖି ବୁଜିଥିଲେ। ମା ର ମୃତ୍ୟୁ ପରେ ପୁରା ଅସହାୟ ହୋଇପଡ଼ିଥିଲେ ୩ ଭାଇ ଭଉଣୀ।ତେବେ ଏହି ଦୁଃଖଦ ସମୟରେ ମହାଭାରତ ଖବରକାଗଜ ଖବର ପରିବେଷଣ କରିବା ପରେ କିଛି ସହୃଦୟ ବ୍ୟକ୍ତି କିଛି ଆର୍ଥିକ ସହଯୋଗ ର ହାତ ବଢ଼ାଇଥିଲେ।ଏହିପରି କି ଉଦଳା ଏନ୍ଏସି ର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଉକ୍ତ ଅସହାୟ ଭାଇ ଭଉଣୀ ଙ୍କ ଘରକୁ ଯାଇ କିଛି ରାସନ୍ ସାମଗ୍ରୀ ଯୋଗାଇ ଦେବା ସହ ଆର୍ଥିକ ଅଭାବରୁ ପାଠ ପଢ଼ା ରେ ଡୋରି ଲାଗିଥିବା ଭାଇ ଭଉଣୀ ଙ୍କର ପଢ଼ିବା ପାଇଁ ପ୍ରଶାସନକୁ ଜଣାଇଥିଲେ।ତେବେ ଦୁର୍ଦ୍ଦିନରେ ଅସହାୟ ଜୀବନ କାଟୁଥିବା ଭାଇ ଭଉଣୀ ସହଯୋଗ ପାଇବା ପରେ ମହାଭାରତ ଖବର କାଗଜ ପରିବାର କୁ ଅଶେଷ ଅଶେଷ ଧନ୍ୟବାଦ୍ ଜଣାଇଛନ୍ତି।

## ନିରଞ୍ଜନ ମହିଳା ମହାବିଦ୍ୟାଳୟ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଆସିକା(ମହାଭାରତ): ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ କୁ ଓଡିଶା ବାଳିକା ସମର ଶିକ୍ଷାର୍ଥୀ ବାହିନୀ ରାୟଗଡାଓ ଆସିକା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଆନୁକୂଲ୍ୟରେ ଏହି ବୃକ୍ଷ ରୋପଣ କରିଥିଲେ । ଆଜିର ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ କଲେଜ ର ଅଧକ୍ଷ ଡ଼ଃ. ସରୋଜ କୁମାର ଜେନା, ଏନ ସି ସି ଲେଫ୍ଟନା□ ଡ଼ଃ. ସୁପ୍ରିୟା ଦାଶ ଯୋଗ ଦେଇ ଋଷିକୂଲ୍ୟା ନଦୀ ପଠା, ଏବଂ ମହା ବିଦ୍ୟାଳୟ ର ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା କ୍ଷ ମହାବିଦ୍ୟାଳୟ ର ଏହି ସ୍ୱେଚ୍ଛାସେବୀ ମାନେ ଅଁଳା, ନିମ, ବଟ ଅଶ୍ୱସ୍ଥ, କଦମ୍ବ ବୃକ୍ଷ ରୋପଣ କରିଥିଲେ । ଏହାର ପରବର୍ତୀ ଯତ୍ନ ନେବାକୁ ସପଥ କରିଥିଲେ।

## ୮ ମାସ ପରେ ଅପହୃତା ନାବାଳିକା ଛାତ୍ରୀ ଉଦ୍ଧାର

ଚଣ୍ଡିଖୋଲ: ଦୀର୍ଘ ୮ ମାସ ପରେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ପୁଲିସକୁ ମିଳିଛି ସଫଳତା। ଅପହରଣର ଶିକାର ହୋଇଥିବା ଜଣେ ନାବାଳିକା ଛାତ୍ରୀକୁ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରୁ ଉଦ୍ଧାର ପରେ ଛାତ୍ରୀ ଜଣକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ସୂଚନା ମୁତାବକ ବରୀ ଥାନା ଅନ୍ତର୍ଗତ ରାଉତସାହିର ଜଣେ ନାବାଳିକା ଛାତ୍ରୀ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁରସ୍ଥିତ ସେ□ଜୋସେଫ ଶିକ୍ଷାନୁଷ୍ଠାନରେ ଯୁକ୍ତ-୨ଶ୍ରେଣୀରେ ପାଠ ପଢୁଥିଲେ। ତେବେ ଗତ ୨୦୨୪ ନଭେମ୍ବର ମାସରେ ଛାତ୍ରୀ ଜଣକ ତା'ର ଜଣେ ସାଙ୍ଗ ସାଥିରେ ଏହି ବିଦ୍ୟାଳୟକୁ ଆସୁଥିବା ବେଳେ ବାଲିଚନ୍ଦ୍ରପୁର ବଜାର ନିକଟରୁ ରାଉତସାହି ଗ୍ରାମର ଶରତ ମଲ୍ଲିକଙ୍କ ପୁଅ ରିକନ ମଲ୍ଲିକ (୨୦) ନାବାଳିକା ଛାତ୍ରୀ ଜଣକୁ ଜୋର ଜବରଦସ୍ତ ଅପହରଣ କରି ନେଇ ଫେରାର ହୋଇ ଯାଇଥିଲା।

# ବର୍ଷା ଅଭାବ ଯୋଗୁଁ ଚାଷ ଜମି ଫାଟି ଆଁ ଆସିକା ବ୍ଲକରେ ମରୁଡି ଆଶଙ୍କା

ଆସିକା(ମହାଭାରତ): ବର୍ଷା ଅଭାବ ଯୋଗୁଁ ଚାଷ ଫାଟି ଆଁ ଆସିକା ବ୍ଲକରେ ମରୁଡି ଆଶଙ୍କା । ଏହି ବର୍ଷ ମୌସମି ବର୍ଷା ଖୁବ କମ ଯୋଗୁଁ ଜୁଲାଇ ମାସ ସାରିବାକୁ ଯାଉଥିଲେ ମଧ୍ୟ ବର୍ତମାନ ସୁଦ୍ଧା କାଁ ଭାଁ କେତେକ ଜମିରେ ଧାନ ବୁଣା ସହ ତଳି ପଡିଛି । ବୁଣା ଧାନ ଗୁଡିକରେ ବର୍ଷା ଅଭାବ ଯୋଗୁଁ ଧାନ ଫସଲ ପୋଡି ଯିବା ସହ ଧାନ ବିଲ ଫାଟି ଆଁ କଲାଣି । ଅନ୍ୟ ପଟରେ ତଳି ଘରା ନାମକୁ ମାତ୍ର ଚାଷୀ ବଞ୍ଚାଇ ରଖିଥିଲା ବେଳେ ବର୍ଷା ଅଭାବ ଯୋଗୁଁ



ରୁଆ ବେଉସାଣା କରିପାରିନାହିଁ । ବିଗତ ବର୍ଷ ଗୁଡିକରେ ମୌସୁମୀ ବର୍ଷା କମ ଥିଲେ ମଧ୍ୟ ଲଘୁଚାପ ବର୍ଷା ଯୋଗୁଁ ଧାନ ଫସଲ ହୋଇପାରିଥିଲା । ଏହି ବର୍ଷ ମୌସୁମୀ ଦୁର୍ବଳ ସାଙ୍ଗକୁ ଲଘୁଚାପ ଖୁବ ଦୁର୍ବଳ ଯୋଗୁଁ ବର୍ଷା ହୋଇପାରିନାହିଁ । ଚାଷୀ ମୁଣ୍ଡରେ ହାତଦେଇ ବସିଛି । ପ୍ରକାଶ ଥାଉକି ଆସିକାରେ ମୋଟ ଧାନ ଚାଷ ଜମି ୭୨୧୩ ହେକ୍ଟର ସେଥିମଧ୍ୟରୁ ୧୦୦୦ ହେକ୍ଟର ଜମିରେ କେନାଲ,ବନ୍ଧ,ଉଠାଜଳସେଚନ ଯୋଗୁଁ ନାମକୁ ମାତ୍ର ଚାଷ ହୋଇଛି । ଆଉ ସବୁ ଏରିଆ ପଡିଆ ପଡିଛି । ଆସିକା ବ୍ଲକ ର ଗାଙ୍ଗପୁର,ନବରଙ୍ଗପୁର, ଦେବଭୂମି , ଝଗଡେଇ, କେ. ନୂଆପଲ୍ଲୀ, କର୍ପୁର ନୂଆଗାଁ, ନିରାଳ, ମଙ୍ଗଳପୁର, ଜୟପୁର, ମଣ୍ଟାପଡା, ବରଗାଁ ଆଦି ଅଞ୍ଚଳ ରେ ବର୍ତମାନ ଚାଷଜମି ଫାଟି ଆଁ କଲାଣି । ପାଣିପାଗ ବିଭାଗ ପକ୍ଷରୁ ବର୍ତମାନ ବର୍ଷାରେ କୌଣସି ପୂର୍ବସୂଚନା ନାହି । ତେଣୁ ଆସିକା ବ୍ଲକରେ ନିଶ୍ଚିତ ମରୁଡ଼ି ର ଆଶଙ୍କା କୁ ଏଡାଇଦେଇ ହେବନାହିଁ ।

## ମନେରଗା ରାସ୍ତା କାମରେ ଦୁର୍ନୀତି ନିମ୍ନ ମାନର ରାସ୍ତା ରେ ଧାନ ଲଗେଇ ପ୍ରତିବାଦ କଲେ ଗ୍ରାମବାସି

ରାଇଘର(ମହାଭାରତ): ମନେରଗା ରାସ୍ତା କାମରେ ଦୁର୍ନୀତି ୫ ଲକ୍ଷ ଟଙ୍କାର କାମ ଲକ୍ଷେ ଟଙ୍କା ମଧ ରାସ୍ତା କାମରେ ସରିନି ଏଭଳି ରାସ୍ତା ତିଆରି ହୋଇଛି ୩ ନମ୍ୱର କଚରାପାରା ପଂଚାୟତର ଜୋଡଯଙ୍ଗା ଡି ଏନ କେ ଗ୍ରାମରୁ ପଖନା ପାରା ନୂଆପାରା ଗ୍ରାମକୁ ରାସ୍ତା, ଗ୍ରାମବାସି ଙ୍କ କହିବାକଥା ୪ ମାସ ପୂର୍ବେ ଯୋଡ଼ଜଙ୍ଗା ଡି ଏନ କେ ଗ୍ରାମର ତିନିଜଣ ଠେକାଦାର ମିଶି ଏନଆରଜିଏସ ରେ ପା□ ଲକ୍ଷ ଟଙ୍କାର ରାସ୍ତା କାମକୁ ଠେକାନେଇ ରାସ୍ତା କାମ ଜେଣତେଣ ମାଟି ପକେଇ ତିଆରି କରିଦେଇ ଅଧା ବିଲ ଉଠେଇନେଲେ ବର୍ତମାନ ସେହି ରାସ୍ତାରେ ଯାଇ ପାରୁନାହାନ୍ତି ଲୋକେ କାରଣ ରାସ୍ତା ବହୁତ ଖରାପ ତିଆରି ହୋଇଛି ଏହିବିଷୟରେ ଗ୍ରାମବାସି



ଠେକାଦାର ଙ୍କୁ ଫୋନ କରି ଜଣେଇବାପରେ ତମେ ମାନେ ଯେତେ ସାମ୍ବାଦିକ ଙ୍କୁ ଡାକିବାର ଅଛି ଡାକ ରାଇଘର ଉମରକୋଟ ର ସବୁ ସାମ୍ବାଦିକ ଙ୍କୁ ମୁ ପଇସା ଦେଇ ପୋଶୁଛି ମୋ ଖବର କିଏ ତିଆରି କରିବେ ନାହିଁ ସମସ୍ତଙ୍କୁ ମୁ ପଇସା ଦେଇ ମୁହଁ ବନ୍ଦ କରେଇଦେବି ବୋଲି ଠେକାଦାର ମିଥୁନ ବ୍ୟାପାରୀ କହିଛନ୍ତି ଯାହାର ରେକଡ଼ିଙ୍ଗ ମଧ ରହିଛି, ଯନ୍ତ୍ରୀ ରାସ୍ତାନ ଦେଖି କେମିତି ଅଧା ବିଲ କରିଦେଲେ ବୋଲି ଗ୍ରାମବାସି ଅଭିଯୋଗ କରିଛନ୍ତି ଯନ୍ତ୍ରୀଙ୍କ ମଧ କିଛି ଭାଗ ରହିଛି ବୋଲି ଗ୍ରାମବାସି କହିଛନ୍ତି।

## ଅସ୍ତରଙ୍ଗରେ ଜୁନିୟର ସିଭିଲ୍ କମ୍ ଜେଏମ୍ଏଫସି କୋର୍ଟର ଉଦ୍ଘାଟନ



ଅସ୍ତରଙ୍ଗ ୨୨/୭ମହାଭାରତ:ଅସ୍ତରଙ୍ଗରେ ସ୍ଥାପିତ ଜୁନିୟର ସିଭିଲ୍ କମ୍ ଜେଏମ୍ଏଫସି କୋର୍ଟର ଆଜି ଉଦ୍ଘାଟନ ହୋଇଯାଇଛି ହାଇକୋର୍ଟର ପରିସରରେ ମହାମାନ୍ୟ ମୁଖ୍ୟ ବିଚାରପତି ହରିଶ ତଣ୍ଡନ ଆଭାସୀ ମାଧ୍ୟମରେ ନୂତନ କୋର୍ଟର ଉଦ୍ଘାଟନ କରିଥିଲେ ଉଦ୍ଘାଟନ ବେଳେ ହାଇକୋର୍ଟର ଅନ୍ୟ ବିଚାରପତିମାନେ ନୂତନ କୋର୍ଟର ସୁପରିଚାଳନା , ସାମ୍ବିଧାନିକ ବ୍ୟବସ୍ଥା ଓ ନ୍ୟାୟିକ ବ୍ୟବସ୍ଥାରେ ସମସ୍ତେ ସହଯୋଗ କରିବାକୁ କହିଥିଲେ ଅସ୍ତରଙ୍ଗ କୋର୍ଟରେ ନୂତନ ଭାବେ ଯୋଗଦେଇଥିବା ବିଚାରପତି ଶ୍ରୀମତୀ ସୁଧାବାଇ ଅଗ୍ରୱାଲ,କୋର୍ଟ କର୍ମଚାରୀ,ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶବଲିଆରସିଂ,ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶିନୀ ପ□, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା,ଆଇନଜୀବୀ ଓ ଅନ୍ୟାନ୍ୟ ପୁଲିସ୍ ବନ୍ଧୁ ସାଧାରଣ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏଲଇଡି ମାଧ୍ୟରେ ଉଦ୍ଘାଟନ କାର୍ଯ୍ୟକ୍ରମକୁ ଦେଖିଥିଲେ ଆଜିଠୁ ନୂତନ କୋର୍ଟ କାର୍ଯ୍ୟକାରୀ ହୋଇଥିଲା ବେଳେ ଦୁଇଟି ମାମାଲାରେ ସାକ୍ଷୀ ଗ୍ରହଣ କରିବା ସୂଚନା ମିଳିଛି ଗ୍ରାମା□ଳ ଲୋକଙ୍କୁ ନ୍ୟାୟ ଯୋଗାଇଦେବାକୁ ଅସ୍ତରଙ୍ଗ ତହସିଲ ନିକଟରେ ସୀମିତ ଜାଗାରେ କୋର୍ଟ କାର୍ଯ୍ୟକାରୀ ହୋଇଥିଲା ବେଳେ ମୋଟ ୯ ଜଣ କର୍ମଚାରୀ ନିଯୁକ୍ତି ପାଇବା ଓ ଆଇନଜୀବୀ ବସିବା ପାଇଁ ଅସ୍ଥାୟୀ ବାର୍ ଗୃହ ବ୍ୟବସ୍ଥା ହୋଇଛି ଅସ୍ତରଙ୍ଗ ଓ କାକଟପୁର ଏକ ସଙ୍ଗରେ ଦୁଇଟି କୋର୍ଟର କାର୍ଯ୍ୟକାରୀ ହେବାରୁ ଗ୍ରାମା□ଳର ସାଧାରଣ ଲୋକେ ସୁବିଧା ପାଇପାରିବେ ସମସ୍ତେ ମତ ପ୍ରକାଶ କରିଛନ୍ତି ବହୁ ପ୍ରତୀକ୍ଷା ପରେ ଅସ୍ତରଙ୍ଗ ଠାରେ କୋର୍ଟ ଖୋଲୁଥିବାରୁ ସାଧାରଣ ଲୋକଙ୍କ ମନରେ ଉତ୍ସାହ ବଢିଛି ଅସ୍ତରଙ୍ଗ ଠାରୁ ପ୍ରାୟ ୩୦ରୁ ୩୫ କିମି ଦୂରରେ ନିମାପଡ଼ାରେ ଥିବା କୋର୍ଟକଚେରୀକୁ ସାଧାରଣ ଲୋକେ ଯିବାରେ ଖର୍ଚ୍ଚାନ୍ତ ହେଉଥିଲେ ଏବେ ନିକଟରେ ଆଇନ୍ ସେବା ସହ ତୁରନ୍ତ ନ୍ୟାୟ ପାଇ ଖର୍ଚ୍ଚରୁ ରକ୍ଷା ପାଇବେ ବୋଲି ଅନେକ ମତ ରଖିଛନ୍ତି

## ଭିଜିଲାନ୍ସ କୁ ମିଳିଛି ବଡ଼ ସଫଳତା
## ରାଜ୍ୟ ଭିଜିଲାନ୍ସ ଇତିହାସରେ ସର୍ବବୃହତ୍ତ ଓ ସର୍ବାଧିକ ପ୍ଲଟ ଠାବ

କେନ୍ଦୁଝର(ମହାଭାରତ): କେନ୍ଦୁଝର କେନ୍ଦୁପତ୍ର ଡ଼ିଏଫଓ ନିତ୍ୟାନନ୍ଦ ନାୟକଙ୍କ ନିକଟରେ ୧୨୩ଟି ପ୍ଲଟ ରହିଥିବା ବାଲେଶ୍ୱର ଭିଜିଲାନ୍ସ ଏସପି ସୂଚନା ଦେଇଛନ୍ତି। ତାଙ୍କ ଆୟର ଏହା ୨୧୮ପ୍ରତିଶତ ଅଧିକ ବୋଲି ଏସପି କହିବା ସହିତ ତାଙ୍କ ପୁତ୍ରୀ ସୂର୍ଯ୍ୟମଣି ନାୟକଙ୍କୁ ମଧ ଅଭିଯୁକ୍ତ କରାଯାଇଛି। ଦୁର୍ନୀତି ନିବାରଣ ଆଇନର ଧାରା ୧୩(୧), (ଖ) ଓ କେଶ ସଂଖ୍ୟା ୬/୨୦୨୫ରେ ଗିରଫ କରାଯାଇଛି। କେନ୍ଦୁଝର କେନ୍ଦୁପତ୍ର ଡ଼ିଏଫଓଙ୍କ ଅଚଳାଚଳ ସମ୍ପତ୍ତି ମଧ୍ୟରେ ୧୨୩ଟି ମୂଲ୍ୟବାନ ପ୍ଲଟ ଯାହାର ପରିମାଣ ଓ ମୂଲ୍ୟ ଆକଳନ ପରେ ଜଣାପଡିବ। ଗତ ତିନି ଧରି କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ବା କେନ୍ଦୁଲିଫ ଡ଼ିଏଫଓଙ୍କ ୧୨୩ଟି ପ୍ଲଟ ଓ ଅନ୍ୟାନ୍ୟ ସମ୍ପତ୍ତି ଠାବ ହେବା ପରେ ମଙ୍ଗଳବାର ଦିନ ଅନୁଗୁଳର ଛେଣ୍ଡିପଦାରେ ଶ୍ରୀ ନିତ୍ୟାନନ୍ଦ ନାୟକଙ୍କ ପ୍ରାୟ ୧.୫୦ ଡିସିମିଲ ଏକ ଫାର୍ମ ହାଉସ୍, ଯେଉଁଥିରେ ୧୪୩୨ ବର୍ଗଫୁଟ ପରିମିତ ଏକ ବାହ୍ୟଘର ବା ଆଉଟ ହାଉସ, ପ୍ରାୟ ୩୧୪ ବର୍ଗଫୁଟ ପରିମିତ ଅନ୍ୟ ଏକ ଘର, ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର ଏକ କାଷ୍ଟରେ ଖନନ କରାଯାଇଥିବା ୦.୪୦ ଡେସିମିଲ ଜମି ଉପରେ ଏକ ପୋଖରୀ, ଦୁଇଟି ବୋରୱେଲ୍, ଗୋଟିଏ କୂଅ ଏବଂ ଶହ ଶହ ନଡ଼ିଆ, କଦଳୀ ଏବଂ ଆମ୍ବ ଗଛ ଲଗାଯାଇଛି। ଶ୍ରୀ ନାୟକ ଏହି ଫାର୍ମହାଉସର ବିବରଣୀ ଭିଜିଲାନ୍ସ ଅଧିକାରୀଙ୍କଠାରୁ ଲୁଚାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କ କେନ୍ଦୁଝର କ୍ୱାର୍ଟରରେ ତଲାସ ସମୟରେ, ଫାର୍ମହାଉସ ସ୍ଥାପନ ପାଇଁ ଦେୟ ଏବଂ ଖର୍ଚ୍ଚର ବିବରଣୀ ବର୍ଣ୍ଣନା କରୁଥିବା ଏକ ଡାଏରୀ ସନ୍ଧାନ ଦଳ ପାଇଲା। ଏହା ପରେ, ବୈଷୟିକ ସଦସ୍ୟଙ୍କ ସହିତ ଅନ୍ୟ ଏକ ଭିଜିଲାନ୍ସ ଦଳ ସ୍ଥାନଟି ଖୋଜି ବାହାର କରି ବର୍ତ୍ତମାନ ସମ୍ପତ୍ତିର ମୂଲ୍ୟାଙ୍କନ ଏବଂ ମୂଲ୍ୟାଙ୍କନ କରୁଛି।ଗତ ଦୁଇ ଦିନ ଧରି ସନ୍ଧାନ ଏବଂ ପଚରାଉଚରା ପରେ, ଶ୍ରୀ ନିତ୍ୟାନନ୍ଦ ନାୟକ, ଡ଼ିଏଫଓ କେନ୍ଦୁପତ୍ର ଡିଭିଜନ, କେନ୍ଦୁଝର ତାଙ୍କ ଜ୍ଞାତ ଆୟ ଉତ୍ସ ବାହାରେ ଅନୁପାତହୀନ ସମ୍ପତ୍ତି ଜବତ କରିଥିଲେ, ଯେଉଁଥିରେ ଅନୁଗୁଳରେ ମୋଟ ୯ହଜାର ବର୍ଗଫୁଟ ପରିମିତ ଏକ ବହୁମହଲା କୋଠା, ଅନୁଗୁଳର ଛେଣ୍ଡିପଦାରେ ଗୋଟିଏ ଫାର୍ମହାଉସ, ୧୨୩ଟି ମୂଲ୍ୟବାନ ପ୍ଲଟ, ୨୦୦ ଗ୍ରାମ ସୁନା, ନଗଦ ୧୦.୨୫ ଲକ୍ଷ ଟଙ୍କା, ୫୦.୩୮ ଲକ୍ଷ ଟଙ୍କାରୁ ଅଧିକ ଜମା, ୨ଟି ଚାରି ଚକିଆ ଯାନ ଇତ୍ୟାଦି ଅନ୍ତର୍ଭୁକ୍ତ, ଯାହା ସେ ସନ୍ତୋଷଜନକ ଭାବରେ ହିସାବ କରିପାରିଲେ ନାହିଁ। ତାଙ୍କୁ କେନ୍ଦୁଝର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟ ଚାଲାଣ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।ଆବଶ୍ୟକ ହେଲେ ତାଙ୍କୁ ରିମାଣ୍ଡରେ ଅଣାଯିବ ଓ ଦୁର୍ନୀତି ନିବାରଣ ବିଭାଗର ଚଢ଼ାଉରେ ଏହା ସବୁଠାରୁ ଅଧିକ ପ୍ଲଟ ଠାବ ହୋଇଥିବା ମାମଲା ବୋଲି ଭିଜିଲାନ୍ସ ଏସପି ପ୍ରକାଶ କରିଛନ୍ତି।

## ଦଶପଲ୍ଲା ଏନ ଏ ସି ରେ ୨୧ତମ ସାଧାରଣ ବୈଠକ

ଦଶପଲ୍ଲା,୨(ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସର ରେ ୨୧ ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି।ବିଧାୟକ ରମେଶ ଚନ୍ଦ୍ର ବେହେରା ଅନୁପସ୍ଥିତ ଥିବାବେଳେ କନ୍ଧମାଳ ସାଂସଦ ଙ୍କ ପ୍ରତିନିଧି ଅଞ୍ଜନ ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ମୁନସିପାଲ ଇଞ୍ଜିନିଅର ଅଶୋକ ଦଳବେହେରା,ମାନସ କୁମାର ପତିଙ୍କ ସହିତସମସ୍ତ ୱାର୍ଡ଼ ର କାଉନସିଲର, ସମସ୍ତ କର୍ମଚାରୀ ଙ୍କ ଉପସ୍ଥିତ ରେ ବୈଠକ ଆରମ୍ଭ ହୋଇଥିଲା। ପୂର୍ବ ପାଠ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥି ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ର ସ୍ଥିତି କେଉଁଭଳି ଅଛି, ରାସନ କାର୍ଡ ସମ୍ବନ୍ଧୀୟ ଆଲୋଚନା, ଏନ ଏ ସିର ଉର୍ନ୍ନୟନ କାର୍ଯ୍ୟ ର ଆକସନ ପ୍ଲାନ ସମ୍ବନ୍ଧୀୟ ଆଲୋଚନା, ମାର୍କେଟ କମ୍ପ୍ଲେକ୍ସ କୁ କିପରି ବିତରଣ କରାଯିବ ସେହି ବିଷୟରେ ଆଲୋଚନା ହୋଇଥିଲା। ବଡ଼ କଥା ହେଲା ନୂତନଭାବେ ଅବିନାଶ ମହାନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଲା ଦିନଠାରୁ ଉନ୍ନତି ରୁ ଉନ୍ନତି ହେବାରେ ଲାଗିଛି। ବିଜ୍ଞାପିତ ଅଞ୍ଚଳ ପରିଷଦୟ ସମସ୍ତ କାଉନସିଲର ଭାଇ ଭଉଣୀ ମାନେ ଏକାଠି ରହି ଅଧିକାରୀଙ୍କୁ ସହଯୋଗ କରିବା ସହିତ କାର୍ଯ୍ୟ ସୁରୁଖୁରୁରେ ହେବ ବୋଲି ଆଲୋଚନା ହେଉଛି। ସୂଚନା ଯୋଗ୍ୟ ଯେ ଏହି ବୈଠକକୁ ବିଧାୟକ ଆସିନଥିଲେ। କଣ ପାଇଁ କାହିଁକି ଆସିନଥିଲେ ତାହା ଜଣାପଡ଼ିନାହିଁ।

## ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସଚେତନତା କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ରାୟଗଡା ବ୍ଲକର ସନାତୁଣ୍ଡି ଗ୍ରାମ ପଂଚାୟତ ଅଧୀନସ୍ଥ ଚମ୍ପାପୁର ଗାଁରେ ଆଜି ଜୁଭେନାଇଲ୍ ଜଷ୍ଟିସ (କେୟାର ଏଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ୍) ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମର ଅଧକ୍ଷତା ଶ୍ରୀ ବିମଳ ରାଉଲ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକାରଣ , ଗଜପତି କରିଥିଲେ। ସେ ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧନ କରି, ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ସମ୍ବନ୍ଧୀୟ ଅଧିକାର ସୁନିଶ୍ଚିତ କରିବାରେ ଏହି ଆଇନମାନଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସ୍ୱପ୍ନା ଚୌଧୁରୀ, ଆଇ.ଆଇ.ସି., ରାୟଗଡା ଥାନା; ସଂଘମିତ୍ରା ଶବର ସରପ□, ସନାତୁଣ୍ଡି ଜି.ପି.; ଶ୍ରୀ ଯୁଧିଷ୍ଠିର ବେହେରା, ସହଯୋଗୀ ବ୍ଲକ୍ ଶିକ୍ଷା ଅଧିକାରୀ, ରାୟଗଡା; ଲିଙ୍ଗରାଜ ପାଣିଗ୍ରାହୀ, ସମାଜସେବୀ; ଓ ଲକ୍ଷ୍ମଣ ରାଓ, କ୍ଲଷ୍ଟର ରିସୋର୍ସ ସେଣ୍ଟର କୋ-ଓର୍ଡିନେଟର , ରାୟଗଡା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଓ ସ୍ଥାନୀୟ ଲୋକଙ୍କୁ ଉପରୋକ୍ତ ଆଇନଗୁଡିକର ବିଭିନ୍ନ ପ୍ରାବଧାନ ବିଷୟରେ ସଚେତନ କରିଥିଲେ।ବକ୍ତାମାନେ ଶିଶୁ ଅଧିକାର ରକ୍ଷା ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଦେବା ବିଷୟରେ ଉତ୍ତାପୂର୍ଣ୍ଣ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ, ଶିକ୍ଷକ ଓ ସମୁଦାୟ ନେତାମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ କରିଥିଲା ବୋଲି କୁହାଯାଇଛି।

## କବି କଳହଂସ ଗୋପାଳକୃଷ୍ଣଙ୍କ ସ୍ମୃତି ଚାରଣ ଉତ୍ସବ



ଗଜପତି(ମହାଭାରତ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଓ ଭକ୍ତି ସଙ୍ଗୀତ ସଂସଦ ପାରଳାଖେମୁଣ୍ଡି ମିଳିତ ଆନୁକୂଲ୍ୟରେ କବି କଳହଂସ ଗୋପାଳକୃଷ୍ଣଙ୍କ ସ୍ମୃତିଚାରଣ ଉତ୍ସବ ଆୟୋଜିତ ହୋଇଯାଇଛି।ଦେବୀ ମଠର ମହନ୍ତ ରାମାନନ୍ଦ ଦାସଜୀ,ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ.ଜିତେନ୍ଦ୍ରନାଥ ପଟ୍ଟନାୟକ, ବସନ୍ତ ଦାସ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା,ଗଜପତି ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜ, ଇ.ତୀର୍ଥବାସୀ ପଣ୍ଡା, ସଙ୍ଗୀତ ଗୁରୁ ରଘୁନାଥ ପାତ୍ର ଓ ପ୍ରଦୀପ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ।ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ସମସ୍ତ ଅତିଥି ଏହି ଯୋଗଜନ୍ମା ପୁରୁଷଙ୍କର ସ୍ମୃତି ଚାରଣ କରିବା ସହ ତାଙ୍କ ଦ୍ୱାରା ରଚିତ ଓଡିଶୀ ସଙ୍ଗୀତ ବହୁଳ ଭାବରେ ଆଦୃତ ହୋଇଥିବା ପ୍ରକାଶ କରିଥିଲେ। ଇଂ.ତୀର୍ଥବାସୀ ପଣ୍ଡା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟାଙ୍ଗନା ଡି.ପ୍ରିୟଙ୍କାଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଶ୍ରୀ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ରର କଳାକାର କବି ଗୋପାଳକୃଷ୍ଣଙ୍କ ରଚିତ ଗୀତରେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ପରେ ଗୋପାଳକୃଷ୍ଣ ପଦ୍ୟାବଳୀର ଗୀତଗୁଡିକ ଭକ୍ତି ସଙ୍ଗୀତ ସଂସଦ ସଙ୍ଗୀତ ବିଦ୍ୟାଳୟର ଗୁରୁ ମାଧବ ପାତ୍ରଙ୍କ ସହଯୋଗରେ କଣ୍ଠଶିଳ୍ପୀ ମାନେ ଗୋପାଳକୃଷ୍ଣଙ୍କ ରଚିତ ସଙ୍ଗୀତ ପରିବେଷଣ କରିଥିଲେ।

## ବନବିଭାଗ ଚଢାଉ, ୨ ଲକ୍ଷ ଟଙ୍କା ମୂଲ୍ୟର ଶାଗୁଆନ କାଠ ଜବତ

ଆଠଗଡ : ଆଠଗଡ ବନାଞ୍ଚଳ ଅନ୍ତର୍ଗତ କଟକିଆସାହି ପଞ୍ଚାୟତ ଅଧିନ ବଳରାମପୁରସ୍ଥିତ ସର୍ପେଶ୍ୱର ମନ୍ଦିର ସମ୍ମୁଖରୁ ବନବିଭାଗ ପକ୍ଷରୁ ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ସାଗୁଆନ କାଠ ଜବତ କରାଯାଇଛି। ମଙ୍ଗଳବାର ସକାଳେ କୌଣସି ସୂତ୍ରରୁ ଖବର ପାଇଥିବା ଡିଏଫଓ ଡାକ୍ତର ଯଜ୍ଞଦତ୍ତ ପତିଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ ପକ୍ଷରୁ ଏହି ଚଢାଉ କରାଯାଇଥିଲା । ସର୍ପେଶ୍ୱର ମନ୍ଦିର ସମ୍ମୁଖରେ ଥିବା ସ୍ଥାନରେ ଏକ ମିନିଟ୍ରକରେ ୧୮ ଖଣ୍ଡ ବଡ ଶାଗୁଆନ ଲଗ୍ ବୋଝେଇ ହେଉଥିବାବେଳେ ବନବିଭାଗ ସ୍କ୍ୱାର୍ଡ ଅତର୍କିତ ଚଢାଉ କରିଥିଲେ। ବୋଝେଇ କରୁଥିବା ଶ୍ରମିକ ଓ ଗାଡି ଚାଳକ ବନ କର୍ମଚାରୀଙ୍କୁ ଦେଖି ସେଠାରୁ ଦୌଡି ଚମ୍ପଟ ମାରିଥିଲେ। ବନବିଭାଗ ସ୍କ୍ୱାର୍ଡ ୬୨.୭୪ ଘନଫୁଟର ୧୮ ଟି ସାଗୁଆନ ଲଗ୍ ସହିତ ଉକ୍ତ ମିନି ଟ୍ରକଟିକୁ ଜବତ କରି ଆଠଗଡ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ ।ଏ ବାବଦରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

## ୟୁନେସ୍କୋରୁ ଓହରିବ ଆମେରିକା

ଆମେରିକା : ୟୁନେସ୍କୋରୁ ଓହରିବ ଆମେରିକା । ଏନେଇ ଆମେରିକାର ବୈଦେଶିକ ବ୍ୟାପାର ମୁଖପାତ୍ର ଟାମି ବ୍ରୁସ ଘୋଷଣା କରିଛନ୍ତି । ୟୁନୋସ୍କୋ ସହ ଯୋଡ଼ି ହୋଇ ରହିବା ଆମେରିକାର ଜାତୀୟ ସ୍ୱାର୍ଥରେ ନୁହେଁ ବୋଲି ସେ କହିଛନ୍ତି । ୟୁନେସ୍କୋ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ବିଭାଜନ ସୃଷ୍ଟି କରୁଛି । ଏହା ସହ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଅଧିକ ଗୁରୁତ୍ୱ ଦେଉଛି । ଏହା ଆମେରିକା ଫାଷ୍ଟ ପରେନ ପଲିସୀର ବିରୋଧ ବୋଲି କହିଛି ଆମେରିକା । ସେହିପରି ୟୁନେସ୍କୋ ପାଲେଷ୍ଟାଇନକୁ ସଦସ୍ୟ ରାଷ୍ଟ୍ରର ମାନ୍ୟତା ଦେବା ମଧ୍ୟ ଆମେରିକା ନୀତି ପ୍ରତି ସମସ୍ୟା ସୃଷ୍ଟି କରୁଛି । ୟୁନେସ୍କୋ ଇସ୍ରାଏଲ ବିରୋଧୀ ମନୋଭାବ ପାଇଁ ଏଥିରୁ ଓହରିବାକୁ ନିଷ୍ପତ୍ତି ନେଇଛି ଆମେରିକା । ଏହା ୨୦୨୬ ଡିସେମ୍ବର ୩୧ ତାରିଖରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି । ପୂର୍ବରୁ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ୟୁନେସ୍କୋରୁ ଓହରିବା ଯିବାକୁ ବାରମ୍ବାର ଘୋଷଣା କରିଥିଲେ ।

## ସଡ଼କ ଦୁର୍ଘଟଣା : ୫ମୃତ, ୪ ଆହତ

ରାଜସ୍ଥାନ : ରାଜସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଯାହା ଛାତିକୁ ଥରାଇ ଦେଇଛି । ଏହି ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ପୋଲିସ ପହଞ୍ଚି ଚିକିତ୍ସା ପାଇଁ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି । ସୂଚନାନୁଯାୟୀ, ଦୁଇଟି କାର୍ ମୁହାଁମୁହିଁ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା । ଗାଡ଼ି ଧକ୍କା ଏତେ ଭୟଙ୍କର ଥିଲା ଯେ, ଦୁଇଟି କାର୍ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଫଳରେ ଜରେ କିମ୍ବା ଦୁଇ ଜଣ କାର୍ ଗ୍ଲାସ୍ ଦେଇ ରାସ୍ତାରେ ପଡିଥିଲେ । ଘଟଣାସ୍ଥଳରେ ୫ଜଣଙ୍କରମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଥିଲେ । ଏପରି ଅଘଟଣ ବିକାନେରର ଶିଖୱାଲ ଅଞ୍ଚଳରେ ଘଟିଥିଲା । ସୋମବାର ବିଳମ୍ବିତ ରାତିରେ ଏପରି ଅଘଟଣର ଦୃଶ୍ୟ ଦେଖିବାକୁ ମିଳିଥିଲା । ଅନ୍ୟପଟେ ପୋଲିସ ମୃତକଙ୍କ ପରିଚୟ ସ୍ୱଷ୍ଟ କରିଛି । ମୃତକ ମନୋଜ ଜାଖର, କରଣ, ସୁରେନ୍ଦ୍ର କୁମାର, ଦିନେଶ ଏବଂ ମଦନ ସରନ ବୋଲି ପୋଲିସ ଚିହ୍ନଟ କରିଛି । ପୋଲିସ ମୃତଦେହଗୁଡ଼ିକୁ ଜିଲ୍ଲା ହସ୍ପିଟାଲର ପୋଷ୍ଟମର୍ଟମ ରୁମରେ ରଖିଛି । ଦୁର୍ଘଟଣାରେ ଆହତମାନଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି ।

## ବଢିବ ସେନାର ଶକ୍ତି, ଭାରତରେ ପହଞ୍ଚିଲା ଆପାଚି ହେଲିକପ୍ଟର

ନୂଆଦିଲ୍ଲୀ: ଭାରତରେ ଆସି ପହଞ୍ଚିଲା ବହୁ ପ୍ରତୀକ୍ଷିତ ଆପାଚି ହେଲିକପ୍ଟର୍ । ପ୍ରଥମ ବ୍ୟାଚରେ ତିନୋଟି ହେଲିକପ୍ଟର୍ ପହଞ୍ଚିଛି । ରାଜସ୍ଥାନର ଯୋଧପୁର ଠାରେ ସ୍ଥଳସେନାକୁ ଏହି ହେଲିକପ୍ଟର ହସ୍ତାନ୍ତର କରାଯାଇଛି । ଆମେରିକା ପକ୍ଷରୁ ଏହି ଲଢୁଆ ହେଲିକପ୍ଟରକୁ ଏକ କାର୍ଗୋ ବିମାନ ଯୋଗେ ଭାରତ ଅଣାଯାଇଛି । ୨୦୨୪ ମେ ମାସରୁ ଆପାଚି ହେଲିକପ୍ଟର ଆସିବା ନେଇ ଆମେରିକା ସହ ଚୁକ୍ତି ହୋଇଥିଲା । କିନ୍ତୁ ଯାନ୍ତ୍ରିକ ତ୍ରୁଟି ଦର୍ଶାଇ ଆମେରିକା ତାରିଖ ପରେ ତାରିଖ ଗଡ଼ାଇ ଚାଲିଥିଲା । ଆଜି ଏହାର ପ୍ରଥମ ବ୍ୟାଚ୍ ଭାରତକୁ ହସ୍ତାନ୍ତର କରିଛି ଆମେରିକା । ତେବେ ପୂର୍ବରୁ ଭାରତୀୟ ବାୟୁସେନା ନିକଟରେ ଏହି ଆମେରିକା ନିର୍ମିତ ୨୨ଟି ଆପାଚି ହେଲିକପ୍ଟର ରହିଛି ।

ଆପାଚି ହେଲିକପ୍ଟରଟି ନାଇଟ୍ ଭିଜନ୍ ଏବଂ ଥର୍ମାଲ୍ ସେନ୍ସର ରହିଛି ଯାହା ରାତିରେ ଏବଂ ଖରାପ ପାଗରେ କାର୍ଯ୍ୟ କରିବାକୁ ସକ୍ଷମ କରିଥାଏ । ଟାର୍ଗେଟ ଆକ୍ୱିଜିସନ୍ ସିଷ୍ଟମ୍ ଏବଂ ପାଇଲଟ୍ ନାଇଟ୍ ଭିଜନ୍ ସେନ୍ସରଗୁଡ଼ିକ ସଠିକତାର ସହିତ ଶତ୍ରୁକୁ ଚିହ୍ନଟ ଏବଂ ଟାର୍ଗେଟ କରିବାରେ ସାହାଯ୍ୟ କରେ । ଏହା ୬୦ ସେକେଣ୍ଡରେ ୧୨୮ଟି ଟାର୍ଗେଟକୁ ଚିହ୍ନଟ ଏବଂ ନଷ୍ଟ କରିବାରେ ସକ୍ଷମ ।

ଏହି ଯୁଦ୍ଧ ହେଲିକପ୍ଟର ପ୍ରତି ମିନିଟରେ ୬୨୫ ରାଉଣ୍ଡ ଗୁଳି ଚଳାଇପାରିବ । ଏହି ହେଲିକପ୍ଟରରେ ଇଏଗ-୧୧୪ ହେଲଫାୟାର ମିସାଇଲ ସିଷ୍ଟମ ଲାଗିଛି, ଯାହା ଟ୍ୟାଙ୍କ ଆଣ୍ଟି-ଟ୍ୟାଙ୍କ, ଲେଜର-ଗାଇଡେଡ୍ ମିସାଇଲ, ଆର୍ମଡ ଯାନଗୁଡ଼ିକୁ ନଷ୍ଟ କରିବାରେ ସକ୍ଷମ । ଏହି ହେଲିକପ୍ଟର ଗୋଟିଏ ମିନିଟରେ ଏକାଥରକେ ୧୬ ଟି ଲକ୍ଷ୍ୟକୁ ଆକ୍ରମଣ କରିବାର କ୍ଷମତା ରଖିଛି । ଆପାଚି ହେଲିକପ୍ଟରର ସର୍ବାଧିକ ଗତି ଘଣ୍ଟା ପ୍ରତି ୨୮୦-୩୬୫ କିଲୋମିଟର ରହିଛି । ଏହା ୩ ରୁ ୩.୫ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିପାରିବ । ଏହି ହେଲିକପ୍ଟରର ଓଜନ ୬,୮୩୮ କିଲୋ ରହିଥିବା ବେଳେ ଅଧିକତମ ଟେକଅପ୍ ଓଜନ ୧୦,୪୩୩ କିଲୋ ରହିଛି ।

## ଇଡି ପରେ ସିବିଆଇ ଉପରେ ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଗୋଟିଏ ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ସମାଲୋଚନା କରିବାରେ ଲାଗିଛନ୍ତି ସୁପ୍ରିମକୋର୍ଟ । ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଉପରେ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ଛାଡ଼ିଥିଲେ । ଆଇନଗତ ଉପାୟରେ ଇଡି ରାଜନୀତିକ ଯୁଦ୍ଧ ଲଢ଼ିବାକୁ ଚେଷ୍ଟା କରୁଛି ବୋଲି ସର୍ବୋଚ୍ଚ ଅଦାଲତ କରିଥିଲେ । ଆଜି ସିବିଆଇକୁ ସୁପ୍ରିମକୋର୍ଟ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ଇଣ୍ଡିଆ ବୁଲ୍ସ ହାଉସିଂ ଫାଇନାନ୍ସ ଲିଃ ବା ଆଇଏଚଏଫଏଲ ମାମଲାରେ ନୋଟିସ ସତ୍ତ୍ୱେ ସିବିଆଇ ହାଜର ନ ହେବାରୁ ସୁପ୍ରିମକୋର୍ଟ ଏହାକୁ ସହଜରେ ଗ୍ରହଣ କରି ନାହାନ୍ତି । ସୁପ୍ରିମକୋର୍ଟ କହିଛନ୍ତି, "ଆମେ ଆଦୌ ଏପରି ଆଭିମୁଖ୍ୟକୁ ଗ୍ରହଣ କରୁ ନାହୁଁ । ଆମେ ଥରେ ନୋଟିସ କରିବା କ୍ଷଣି ଆପଣମାନଙ୍କୁ ଏଠାକୁ ଆସିବାକୁ ପଡ଼ିବ । ସୁପ୍ରିମକୋର୍ଟ ଆଗରେ ସେମାନେ ହାଜର ହୋଇପାରିବେ ନାହିଁ ବୋଲି କେମିତି କହିପାରିବେ ?" ଆଇଏଚଏଫଏଲର ପ୍ରମୋଟର୍ସ କୋଟି କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି । ଏବେ ଏହା ସମ୍ମାନ କ୍ୟାପିଟାଲ ଲିଃ ହୋଇ ଯାଇଛି । ଏହି ସଂସ୍ଥା ଠକେଇ କରିଥିବାରୁ କୋର୍ଟ ନେତୃତ୍ୱାଧୀନ ଏସଆଇଟି ଦ୍ୱାରା ତଦନ୍ତ ପାଇଁ ଆବେଦନ କରାଯାଇଥିଲା । ଦିଲ୍ଲୀ ହାଇକୋର୍ଟ ଏହାକୁ ଖାରଜ କରି ଦେଇଥିବା ବେଳେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ହାଜର ହୋଇ କହିଥିଲେ ଯେ କୌଣସି ବୈଧ ଅପରାଧ ନଥିବାରୁ ଇଡି ଟଙ୍କା ହେରଫେର ଅଭିଯୋଗର ତଦନ୍ତ କରିପାରିବ ନାହିଁ ବୋଲି କହିଥିଲା । ସିବିଆଇକୁ ମାମଲା ରୁଜୁ କରିବା ପାଇଁ ଗୋଟିଏ ଆବେଦନ ଉପସ୍ଥାପନ କରାଯାଇଛି । ଏହା ଶୁଣି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ "ଅଭିଯୋଗକୁ କେନ୍ଦ୍ରୀୟ ଏଜେନ୍ସି ଦେଖିବା ସହ ଏହାର ତଦନ୍ତ କରି ରିପୋର୍ଟ ଦେବାର ଆବଶ୍ୟକତା ରହିଛି । ଅଭିଯୋଗ ଟଙ୍କା ଆଦାୟ ବା ହଡ଼ପର । କେନ୍ଦ୍ରୀୟ ଏଜେନ୍ସି ଏହାକୁ ନିରପେକ୍ଷ ଭାବେ ତଦନ୍ତ କରି ରିପୋର୍ଟ ନେଇ ଆସୁ ।" ସିବିଆଇକୁ ପୂର୍ବରୁ ନୋଟିସ କରାଯାଇଥିବା କଥା ଖଣ୍ଡପୀଠ କହିଥିଲେ । ସିବିଆଇ ନୋଟିସ ଅନୁସାରେ ହାଜର ନ ହେବାରୁ ଖଣ୍ଡପୀଠ କହିଛନ୍ତି, "ସେମାନଙ୍କ ପାଖରେ କୋର୍ଟ ଆସିବାକୁ ବି ସାହସ ନାହିଁ ?"

ସିବିଆଇ ପାଇଁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ ତଥ୍ୟ ଉପସ୍ଥାପନ କରିବାକୁ ଗୋଟିଏ ସପ୍ତାହ ସମୟ ମାଗିଥିଲେ । ଏହାକୁ କୋର୍ଟ ଦେଇଛନ୍ତି । ଖଣ୍ଡପୀଠ ସମସ୍ତଙ୍କୁ ମନେ ପକାଇ ଦେଇଛନ୍ତି ଯେ ପଦକ୍ଷେପ ନେବା ପାଇଁ ସିବିଆଇକୁ କୌଣସି ବିଧିବଦ୍ଧ ଅଭିଯୋଗର ଆବଶ୍ୟକ ନାହିଁ । ସେମାନଙ୍କୁ ଆଉ କ'ଣ ସୂଚନା ଦରକାର । ସେମାନଙ୍କ ପାଖରେ ପୂର୍ବରୁ ହିଁ ରେକର୍ଡ ରହିଥିବା କୋର୍ଟ କହିଛନ୍ତି । ଆଇଏଚଏଫଏଲ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଆଇଏଚଏଫଏଲର ଦୀର୍ଘ ବର୍ଷେ ହେଲା କାମ କରି ଆସୁଛି । କମ୍ପାନୀ ବିରୋଧରେ ଏଯାଏ ଗୋଟିଏ ହେଲେ ବି ଅଭିଯୋଗ ଆସି ନଥିଲା । ଏବେ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୦ରେ ହେବ ।

# ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ଗୃହୀତ

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ଗୃହୀତ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି । ଗତକାଲି ରାତିରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିଜ ପଦବୀରୁ ଧନଖଡ଼ ଇସ୍ତଫା ଦେଇଥିଲେ । ସମ୍ବିଧାନର ଧାରା ୬୭ (ଇ) ଅନୁଯାୟୀ ସେ ନିଜର ଇସ୍ତଫା ପତ୍ର ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲେ । ଜଗଦୀପ ଧନଖଡ ସ୍ୱାସ୍ଥ୍ୟକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଢ଼'ରେ ପୋଷ୍ଟ । ମୋଦି ଲେଖିଛନ୍ତି, ଜଗଦୀପ ଧନଖଡ଼ ଉପ ରାଷ୍ଟ୍ରପତି ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଦେଶର ସେବା କରିଛନ୍ତି । ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ କାମନା କରିଛନ୍ତି । ସଂସଦର ମୌସୁମୀ ଅଧିବେଶନର ଗତକାଲି ପ୍ରଥମ ଦିନରେ ଗୃହରେ ବିଭିନ୍ନ ଦଳର



ନେତାଙ୍କୁ ଭେଟିଥିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ । କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଅଧକ୍ଷତା କରିଥିଲେ । ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ବହିଷ୍କାର ପାଇଁ ମୋସନ ଆଣିବାକୁ ୫୦ ଜଣ ରାଜ୍ୟସଭା ସାଂସଦଙ୍କ ଦସ୍ତଖତ ଥିବା ସ୍ମାରକପତ୍ର ଧନଖଡ଼ଙ୍କୁ ପ୍ରଦାନ କରାଯାଇଥିଲା । ଏହା ଉପରେ ସେ ରାଜ୍ୟସଭାରେ ପ୍ରତିକ୍ରିୟା ରଖିଥିଲେ । ତେବେ ଏହାର କିଛି ଘଣ୍ଟା ପରେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ ଧନଖଡ଼ । ଯଦିଓ ସ୍ୱାସ୍ଥ୍ୟଗତ କାରଣ ପାଇଁ ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି ତେବେ ତାଙ୍କର ହଠାତ ଇସ୍ତଫାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ୨୦୨୭ ମସିହା ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ଧନଖଡ଼ଙ୍କ କାର୍ଯ୍ୟକାଳ ଥିଲା । ଏହାର ପ୍ରାୟ ଦୁଇ ବର୍ଷ ପୂର୍ବରୁ ସେ ଇସ୍ତଫା ଦେଇଛନ୍ତି । ୨୦୨୨ ଅଗଷ୍ଟ ୧୧ରେ ଧନଖଡ଼ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । କାର୍ଯ୍ୟକାଳ ସରିବା ପୂର୍ବରୁ ଇସ୍ତଫା ଦେବାରେ ସେ ତୃତୀୟ ଉପରାଷ୍ଟ୍ରପତି । ପୂର୍ବରୁ ଭିଭି ଗିରି ଓ ଆର ଭେଙ୍କେଟରମଣ ତାଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ଏବେ ଧନଖଡ଼ଙ୍କ ଇସ୍ତଫା ପରେ ପରବର୍ତ୍ତୀ ଉପରାଷ୍ଟ୍ରପତି କିଏ ହେବେ ତାକୁ ନେଇ ରେସ ଆରମ୍ଭ ହୋଇଛି ।

## ରକ୍ଷାବନ୍ଧନ ପୂର୍ବରୁ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ବଡ଼ ଉପହାର

ନୂଆଦିଲ୍ଲୀ : ରକ୍ଷାବନ୍ଧନ ପୂର୍ବରୁ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀମାନଙ୍କୁ ଭଲ ଖବର ମିଳିପାରେ । ସେମାନେ ବର୍ତ୍ତମାନର ସପ୍ତମ ବେତନ କମିଶନ ଅଧୀନରେ ଅତି କମରେ ଆଉ ଗୋଟିଏ ଡିଏ (ମହାଙ୍ଗା ଭତ୍ତା) ପାଇପାରନ୍ତି । ସଦ୍ୟତମ ମୁଦ୍ରାସ୍ଫୀତି ସଂଖ୍ୟାକୁ ଦେଖିଲେ, ଜୁଲାଇ ୨୦୨୫ରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ରୁ ୪ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଏହା ଦେଶର କୋଟି କୋଟି କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ । ସାଧାରଣତଃ, ମହଙ୍ଗା ଭତ୍ତା ବୃଦ୍ଧି ବର୍ଷରେ ଦୁଇଥର ଫେବୃଆରୀ-ମାର୍ଚ୍ଚ ଏବଂ ସେପଟେମ୍ବର-ଅକ୍ଟୋବରରେ ଘୋଷଣା କରାଯାଏ, ଯାହା ଯଥାକ୍ରମେ ଜାନୁଆରୀ ଏବଂ ଜୁଲାଇରୁ ଲାଗୁ ହୁଏ । ଏହା କର୍ମଚାରୀମାନଙ୍କୁ ବର୍ଦ୍ଧିତ ମୁଦ୍ରାସ୍ଫୀତିର ମୁକାବିଲା କରିବାରେ ସାହାଯ୍ୟ କରେ ।

## ଚର୍ଚ୍ଚିତ ଚନ୍ଦନ ମିଶ୍ର ମର୍ଡର କେସରେ ଦୁଇ ଅଭିଯୁକ୍ତକୁ ଏନକାଉଣ୍ଟର

ବିହାର : ବିହାର ପାଟନାର ପାରସ ହସ୍ପିଟାଲରେ ଚନ୍ଦନ ମିଶ୍ର ହତ୍ୟା ପରେ ପୋଲିସ ଲଗାତାର ଆକ୍ସନ ମୋଡ଼ରେ ରହିଛି । ପୋଲିସ ଏବେ ହତ୍ୟା ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତକୁ ଏନକାଉଣ୍ଟର କରିଛି । ଭୋଜପୁର ଜିଲ୍ଲାରେ ଆରାରେ ଏସଟିଏଫ ଏବଂ ଅଭିଯୁକ୍ତ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ଦୁଇଜଣଙ୍କୁ ଗୁଳି ବାଜିଛି । ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଛି । ଏନକାଉଣ୍ଟରରେ ଆହତ ହୋଇଥିବା ରବି ରଂଜନ ଏବଂ ବଳବନ୍ତ କୁମାରକୁ ହସପିଟାଲରେ ଭର୍ତ୍ତି କରାଯାଇଛି । ରବିରଂଜନଙ୍କ ଜଙ୍ଘରେ ଗୁଳି ବାଜିଥିବା ବେଳେ ବଳବନ୍ତ ହାତ ଏବଂ ଗୋଡ଼ରେ ଗୁଳି ବାଜିଛି । ପୋଲିସ ଏହି ଘଟଣାରେ ଅନ୍ୟ ୩ ଜଣଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ, ଗତ ଗୁରୁବାର ସକାଳେ ପାରସ ହସପିଟାଲରେ ହୋଇଥିବା ହତ୍ୟା ମାମଲାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରାଯାଇଛି । ପାଟନା





ପୋଲିସ ଏବଂ ଏସଟିଏଫ ମିଳିତ ଉଦ୍ୟମରେ ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରଙ୍କ ହତ୍ୟାକାଣ୍ଡ ଅଭିଯୁକ୍ତକୁ ପଶ୍ଚିମବଙ୍ଗରୁ ଆଉ ୩ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି । ସେମାନଙ୍କୁ ପଚରାଉଚରା କରାଯାଉଛି । ହତ୍ୟା ମାମଲାରେ ଏଯାଏଁ ମୋଟ ୧୦ ଜଣଙ୍କୁ ଗିରଫ କରାଯାଇଛି । ୮ ଜଣ ପଶ୍ଚିମବଙ୍ଗରୁ ହୋଇଥିବା ବେଳେ ୨ ଜଣ ବିହାରର ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ ହୋଇଛନ୍ତି । ଏଥିରେ ୨ ଜଣ ମହିଳା ରହିଛନ୍ତି । ପୋଲିସର ସୂଚନା ଅନୁଯାୟୀ, ସହରର ରାଜା ବଜାର ଅଞ୍ଚଳର ପାରସ ହସ୍ପିଟାଲରେ ଏହି ଗୁଳିକାଣ୍ଡ ଘଟିଥିଲା । ବକ୍ସର ଜିଲ୍ଲାର ଏକ ହତ୍ୟା ମାମଲାର ଅଭିଯୁକ୍ତ ଚନ୍ଦନ ମିଶ୍ର ନାମକ ପୀଡିତଙ୍କୁ ବେଉର ଜେଲରୁ ମେଡିକାଲ ପାରୋଲରେ ମୁକ୍ତ କରାଯାଇଥିଲା ଏବଂ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚନ୍ଦନ ମିଶ୍ର ନାଁରେ ୧୦ରୁ ଅଧିକ ହତ୍ୟା ମାମଲା ରହିଛି । ବକ୍ସରେ ଚନ୍ଦନ ଏକ ଗ୍ୟାଙ୍ଗ ଚଲାଉଥିଲେ । ସେହି ଗ୍ୟାଙ୍ଗର ମୁଖିଆ ଥିଲେ ଚନ୍ଦନ ମିଶ୍ର ।

## ଟେକଅପ୍ ପୂର୍ବରୁ ବିମାନରେ ବ୍ରେକ୍ ଲଗାଇଲେ ପାଇଲଟ, ଅଳ୍ପକେ ଟଳିଲା ବଡ଼ ଦୁର୍ଘଟଣା

ଦିଲ୍ଲୀ : ଅଳ୍ପକେ ଟଳିଲା ବିମାନ ଦୁର୍ଘଟଣା । ଯାନ୍ତ୍ରିକ ତ୍ରୁଟି କାରଣରୁ ଏୟାର ଇଣ୍ଡିଆର ଏକ ବିମାନକୁ ବାତିଲ କରାଯାଇଛି । ତେଣୁ ପାଇଲଟମାନେ ମାନକ ପରିଚାଳନା ପ୍ରକ୍ରିୟା (ଝଙଚ) ଅନୁଯାୟୀ ଉଡ଼ାଣ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ । ସତର୍କତାର ସହ ପାଇଲଟଙ୍କ ଜରୁରୀ ଅବତରଣ ପାଇଁ ସମସ୍ତ ଯାତ୍ରୀଙ୍କ ସମେତ କର୍ମଚାରୀ ସୁରକ୍ଷିତ ରହିଥିବା ଜଣାପଡିଛି । ସୂଚନାନୁଯାୟୀ, ଏୟାର ଇଣ୍ଡିଆ କହିଛି ଯେ, ଦିଲ୍ଲୀରୁ କୋଲକାତା ଯାଉଥିବା ଏୟାର ଇଣ୍ଡିଆ




ବିମାନ ଇଓ୨୪୦୩ ର ଉଡ଼ାଣରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଥିଲା । ଫଳରେ ଉଡ଼ାଣକୁ ବାତିଲ କରାଯାଇଥିଲା । ତେଣୁ ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଲଟ ଏଭଳି ନିଷ୍ପତ୍ତି ନେଇଥିଲେ । ଯାହା ଦ୍ୱାରା ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଥିଲେ ଯାତ୍ରୀ । ସମସ୍ତ ଯାତ୍ରୀଙ୍କୁ ବିମାନରୁ ସୁରକ୍ଷିତ ଭାବରେ ବାହାର କରାଯାଇଛି । ଏହା ସହିତ ଏୟାର ଇଣ୍ଡିଆର ଗ୍ରାଉଣ୍ଡ ଷ୍ଟାଫ୍ ଯାତ୍ରୀମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି । କିନ୍ତୁ ଏହି ଉଡ଼ାଣ ସେବା ପୁଣି ସୋମବାର ସନ୍ଧ୍ୟାରେ ପୁନଃନିର୍ଦ୍ଧାରିତ ହୋଇଥିବା ସମୟରେ ଉଡ଼ାଣ କରିବ । ଅନ୍ୟପଟେ ଏୟାର ଇଣ୍ଡିଆର ଜଣେ ମୁଖପାତ୍ର ''ହଠାତ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଯାତ୍ରୀଙ୍କ ଅସୁବିଧା ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି ।'' ଏହା ବ୍ୟତୀତ ସେ କହିଛନ୍ତି ଯେ, ଯାତ୍ରୀମାନଙ୍କ ସୁରକ୍ଷା ଏବଂ ସୁବିଧା ହେଉଛି ଏୟାର ଇଣ୍ଡିଆର ସର୍ବୋଚ୍ଚ ପ୍ରାଥମିକତା । ସୂଚନାଯୋଗ୍ୟ, ସୋମବାର କୋଚିରୁ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ପ୍ରବଳ ବର୍ଷା ମଧ୍ୟରେ ଅବତରଣ କରିବା ସମୟରେ ରନୱେରୁ ଓଲଟି ପଡ଼ିବାରୁ ମୁମ୍ବାଇ ବିମାନବନ୍ଦରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା । କିଛି ଅଘଟଣ ହେବା ଆଗରୁ ବିମାନକୁ ସଠିକ୍ ସମୟରେ ରୋକିପାରିଥିଲେ ପାଇଲଟ । ଏହାପରେ ସମସ୍ତ ଯାତ୍ରୀ ଏବଂ କର୍ମଚାରୀ ସୁରକ୍ଷିତ ଭାବରେ ଓହ୍ଲାଇଥିଲେ ।

## କେରଳ ଏୟାରପୋର୍ଟ ଛାଡିଲା ବ୍ରିଟେନ ଫାଇଟର ଜେଟ

ତିରୁବନନ୍ତପୁରମ : ୩୮ ଦିନରେ ତିରୁବନନ୍ତପୁରମ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଫସି ରହିବା ପରେ ବ୍ରିଟେନ ରୟାଲ ନେଭିର ଏଫ୍ - ୩୫ବି ଫାଇଟର ଜେଟ୍ ଶେଷରେ ଉଡାନ ଭରି ପ୍ରତ୍ୟାବର୍ତ୍ତନ କରିଛି । ଗତ ଜୁନ୍ ୧୪ରେ ଖରାପ ପାଗ, ଇନ୍ଧନ ଜନିତ ସମସ୍ୟା ଓ ବୈଷୟିକ ତ୍ରୁଟି କାରଣରୁ ଏହି ବିମାନ ଜରୁରୀ ଅବତରଣ କରିଥିଲା । ବିମାନକୁ ଠିକ୍ କରିବା ଓ ତା'ର ମରାମତି ପାଇଁ ୫ ସପ୍ତାହରୁ ଅଧିକ ସମୟ ଲାଗିଥିଲା । ବ୍ରିଟେନର ୨୫ ଜଣ ଇଞ୍ଜିନିୟରଙ୍କୁ ନେଇ



ଗଠିତ ଦଳ ଏହାକୁ ଠିକ୍?? କରିବାକୁ ସମର୍ଥ ହୋଇଥିଲେ । ଏହାପରେ ଏହି ଜେଟ ଉଡାଣ ପାଇଁ ସମ୍ପୂର୍ଣ୍ଣ ଭାବେ ହୋଇଥିଲା । ୫ମ ପିଢ଼ିର ଏହି ଲଢୁଆ ବିମାନର ମୂଲ୍ୟ ୯୧୫ କୋଟି ଟଙ୍କା । ଏହି ଘଟଣାକ୍ରମରେ ଭାରତୀୟ ବାୟୁସେନା ବ୍ରିଟେନକୁ ସହଯାତା ପ୍ରଦାନ କରିଥିଲା । ବ୍ରିଟିଶ ହାଇକମିଶନର ମଧ୍ୟ ଏଥିପାଇଁ ଭାରତକୁ ଧନ୍ୟବାଦ ଜଣାଇଛନ୍ତି । ୩୮ ଦିନ ଧରି ବିମାନବନ୍ଦରରେ ରହିଥିବାରୁ ଏବେ ବ୍ରିଟେନକୁ ପାର୍କିଂ ପାଉଣା ଦେବାକୁ ହେବ । ଏହିକ୍ରମରେ ବ୍ରିଟେନକୁ ଦିନକୁ ୨୬,୨୬୧ ଟଙ୍କା ହିସାବରେ ପ୍ରାୟ ୧୦ ଲକ୍ଷ ଟଙ୍କା ତିରୁବନନ୍ତପୁରମ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେବାକୁ ହେବ ।

# ମୁମ୍ବାଇ ଟ୍ରେନ ବିସ୍ଫୋରଣ: ନିର୍ଦ୍ଦୋଷ ରାୟକୁ 'ସୁପ୍ରିମ' ଚ୍ୟାଲେଞ୍ଜ

ମୁମ୍ବାଇ : ବହୁଚର୍ଚ୍ଚିତ ୨୦୦୬ ମସିହା ୭/୧୧ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଘଟଣାରେ ମହାରାଷ୍ଟ୍ର ଆତଙ୍କବାଦ ନିରୋଧ ସ୍କ୍ୱାଡ ବା ଏଟିଏସ୍ ବଡ଼ ପଦକ୍ଷେପ ନେଇଛି । ଏହି ଘଟଣାରେ ବମ୍ବେ ହାଇକୋର୍ଟ ସମସ୍ତ ୧୨ ଦୋଷୀଙ୍କୁ ସୋମବାର ନିର୍ଦ୍ଦୋଷରେ ଖଲାସ କରିଥିଲେ । ଏବେ ହାଇକୋର୍ଟଙ୍କ ନିର୍ଦ୍ଦୋଷ ରାୟକୁ ଏଟିଏସ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି । ସୁପ୍ରିମକୋର୍ଟ ଆବେଦନର ଶୁଣାଣି ଜୁଲାଇ ୨୪ରେ କରିବେ ବୋଲି ରାଜି ହୋଇଛନ୍ତି ।

ଏଟିଏସ କରିଥିବା ଆବେଦନର ଶୁଣାଣି ଗୁରୁବାର ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇ, ଜଷ୍ଟିସ କେ ବିନୋଦ ଚନ୍ଦ୍ରନ ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କରିବେ । ମହାରାଷ୍ଟ୍ର ଏଟିଏସ୍ ପାଇଁ ସଲିସିଟର ଜେନେରାଲ ତୁଷାର ମେହେଟା ଏପରି ଆବେଦନ ସୁପ୍ରିମକୋର୍ଟରେ କରିଛନ୍ତି ।



ଏଥିସହ ସେ ଜରୁରୀ ଶୁଣାଣି ପାଇଁ ନିବେଦନ କରିଥିଲେ । କୋର୍ଟ ତାଙ୍କୁ ଆବେଦନକୁ ଗ୍ରହଣ କରି ଗୁରୁବାର ମାମଲାର ଶୁଣାଣି ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି । ସୋମବାର ବମ୍ବେ ହାଇକୋର୍ଟ ୨୦୦୯ ତଳ ଅଦାଲତ ଦେଇଥିବା ରାୟକୁ ଖାରଜ କରି ଦେଇଥିଲେ । ତଳ କୋର୍ଟ ୧୨ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ମୃତ୍ୟୁଦଣ୍ଡ ଓ ୭ ଜଣଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ । କିନ୍ତୁ ଦୋଷୀ ସାବ୍ୟସ୍ତ ହୋଇଥିବା ସମସ୍ତ ୧୨ ଜଣଙ୍କୁ ବମ୍ବେ ହାଇକୋର୍ଟ ଦୋଷମୁକ୍ତ କରିଥିଲେ । ୨୦୦୬ ମୁମ୍ବାଇ ସମେତ ପୂରା ଦେଶକୁ ଦୋହଲାଇ ଦେଇଥିବା ଟ୍ରେନ ବିସ୍ଫୋରଣରେ ୧୮୯ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ବମ୍ବେ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ବିଚାରପତି ଜଷ୍ଟିସ ଅନୀଲ କିଲୋର ଓ ଜଷ୍ଟିସ ଶ୍ୟାମ ଚନ୍ଦକ ମାମଲାର ଶୁଣାଣି କରି ଏପରି ରାୟ ଦେଇଥିଲେ । ଉପଯୁକ୍ତ ପ୍ରମାଣ ଦେବାରେ ସରକାରୀ ଓକିଲ ବିଫଳ ହୋଇଛନ୍ତି । କେବଳ ସନ୍ଦେହ ଛଡ଼ା ସରକାରୀ ଓକିଲି କୌଣସି ପ୍ରକାରର ଠୋସ ପ୍ରମାଣ ଉପସ୍ଥାପନ କରି ପାରି ନାହାନ୍ତି ।

ମୁଖ୍ୟ ସାକ୍ଷୀମାନଙ୍କ ବୟାନ ବିଶ୍ୱାସଯୋଗ୍ୟ ନୁହେଁ । ସେମାନେ ଯେଉଁଭଳି ଭାବେ ଅଭିଯୁକ୍ତମାନଙ୍କୁ ପ୍ୟାରେଡ ଜରିଆରେ ଚିହ୍ନଟ କଲେ, ତା' ଉପରେ ଅନେକ ପ୍ରଶ୍ନବାଚୀ ରହିଛି । ସେହିପରି ସ୍ୱୀକାରୋକ୍ତି ଏଟିଏସ ଅଧିକାରୀଙ୍କ ଅତ୍ୟନ୍ତ ନିର୍ଯ୍ୟାତନା ବଳରେ ହାସଲ କରାଯାଇ ଯାଇଥିଲାୟ ବୋଲି ବମ୍ବେ ହାଇକୋର୍ଟ ତାଙ୍କ ରାୟରେ କହିଥିଲେ । ବମ୍ବେ ହାଇକୋର୍ଟର ରାୟ ମହାରାଷ୍ଟ୍ର ଏଟିଏସ୍ ପାଇଁ ଶକ୍ତ ଝଟକା ସଦୃଶ ରହିଥିଲା । ଏହାର ତଦନ୍ତ ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏବେ ନିଜର ଭାବମୂର୍ତ୍ତିକୁ ସୁଧାରିବା ପାଇଁ ଏଟିଏସ ସୁପ୍ରିମକୋର୍ଟଙ୍କ ଆଗରେ ହାଜର ହୋଇଛି ।

## ଲିଫ୍ଟରେ ଫସିଲେ ୩ ଭାଜପା ବିଧାୟକ

ପୁଣେ : ମହାରାଷ୍ଟ୍ରର ସରକାରର ୩ ବିଧାୟକ ଲିଫ୍ଟରେ ଫସିଯାଇଛନ୍ତି । ଭସାଇ ଅଞ୍ଚଳର ଏକ ଲିଫ୍ଟରେ ଫସିଯିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ପୋଲିସ ଆଉ ସାଧାରଣ ଲୋକ ଲିଫ୍ଟକୁ ବହୁ କଷ୍ଟରେ ଖୋଲିବା ପରେ ବିଧାୟକମାନଙ୍କୁ ଉଦ୍ଧାର କରାଯାଇଛି । ବିଧୟକଙ୍କ ଉଦ୍ଧାର କରିବା ପାଇଁ ଲିଫ୍ଟ ସଟର ଭଙ୍ଗାଯାଇଛି । ଏହି ଲିଫ୍ଟର କ୍ଷମତା ୧୦ ଜଣ ଥିବାବେଳେ ଏଥିରେ ପ୍ରାୟ ୧୫ ଜଣ ଥିଲେ । ସମସ୍ତେ ପାଖାପାଖି ୨୦ ମିନିଟ ଫସି ରହିଥିଲେ । ଲିଫ୍ଟ ଜାମ୍ ଯୋଗୁ ଏଭଳି ଘଟଣା ଘଟିଥିବା କୁହାଯାଉଛି । ମୁମ୍ବାଇ ନିକଟ ପାଲଘର ଜିଲାର ଭସାଇ ଅଞ୍ଚଳରେ ଭାଜପା ବିଧାୟକ ପ୍ରବୀଣ ଦରେକରଙ୍କ ସହ ଭସାଇ ବିଧାୟିକା ସ୍ନେହା ଦୁବେ ଏବଂ ନାଲାସୋପାରା ବିଧାୟକ ରାଜନ ନାଇକ ଲିଫ୍ଟରେ ଫସିଯାଇଥିଲେ । ଏହା ଜାଣିବା ପରେ ସେଠାରେ କିଛି ଶ୍ରମିକଙ୍କ ଉପସ୍ଥିତି ବୃଦ୍ଧି ଯୋଗୁ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।

# ଆଜିଠୁ ଚତୁର୍ଥ ଟେଷ୍ଟ : ଭାରତ ପାଇଁ ଅସଲ ପରୀକ୍ଷା





ମାଞ୍ଚେଷ୍ଟର,୨୨।୭: ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତାକାଲି ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ନିଜର ଚୂଡାନ୍ତ ଏକାଦଶ ଘୋଷଣା କରି ସାରିଛି। ହେଲେ ଭାରତର ଚୂଡାନ୍ତ ଏକାଦଶ କିପରି ରହିବ ତାହା ଉପରେ କ୍ରିକେଟ୍ ପ୍ରେମୀଙ୍କ ନଜର ରହିଛି। କାରଣ ଦଳର ଏକାଧିକ ଖେଳାଳି ଆହତ ହେବା ଦଳର ସମୀକରଣକୁ ବିଗାଡି ଦେଇଛି। ଫଳରେ ଦଳ ପ୍ରବନ୍ଧକଙ୍କୁ ଚୂଡାନ୍ତ ଏକାଦଶ ଚୟନରେ ଏବେ ମୁସ୍କିଲର ସାମ୍ନା କରିବାକୁ ପଡୁଛି।

ଭାରତୀୟ ଦଳ ବର୍ତ୍ତମାନ ଶୃଙ୍ଖଳାରେ ୧-୨ରେ ପଛୁଆ ରହିଛି। ଶୃଙ୍ଖଳାରେ ତିଷ୍ଠିବାକୁ ହେଲେ ଶୁଭମନ ଗିଲ୍‌ଙ୍କ ଦଳକୁ ଚତୁର୍ଥ ଟେଷ୍ଟ ଜିତିବାକୁ ହେବ କିମ୍ବା ଅମୀମାଂସିତ ରଖିବାକୁ ପଡିବ। ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡି ଆହତ କାରଣରୁ ସିରିଜ୍‌ରୁ ବାଦ୍ ପଡିଛନ୍ତି। ଅର୍ଶଦୀପ ସିଂ ମଧ୍ୟ ଆହତ କାରଣରୁ ଚତୁର୍ଥ ଟେଷ୍ଟ ପାଇଁ ଉପଲବ୍ଧ ନାହାନ୍ତି। ଏଜବାଷ୍ଟନ ଟେଷ୍ଟର ହିରୋ ଆକାଶଦୀପ ଗ୍ରୋଇନ ଆଘାତରେ ପୀଡିତ। ତେଣୁ ଚତୁର୍ଥ ଟେଷ୍ଟ ଖେଳିବା ନେଇ ତାଙ୍କର ସଂଶୟ ରହିଛି। ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ଆଙ୍ଗୁଠିରେ ଲାଗିଥିବା ଆଘାତ ସସମ୍ୟାରୁ ସୁସ୍ଥ ହେଉଛନ୍ତି। ତେଣୁ ତାଙ୍କର ଚତୁର୍ଥ ଟେଷ୍ଟ ଖେଳିବା ନିଶ୍ଚିତ ଲାଗୁଛି। ଦଳର ଆହତ ସମସ୍ୟା କାରଣରୁ ଯଶପ୍ରୀତ ବୁମରାଙ୍କୁ ଦର୍ଶକ ମାଞ୍ଚେଷ୍ଟର ଟେଷ୍ଟରେ ଦେଖିବାକୁ ପାଇବେ। ଗତକାଲି ଦ୍ରୁତ ବୋଲର ମହମ୍ମଦ ସିରାଜ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଏହା ସ୍ପଷ୍ଟ କରି ସାରିଛନ୍ତି। ବୁମରା ଓ ସିରାଜଙ୍କ ଖେଳିବା ନିଶ୍ଚିତ ଥିବା ବେଳେ ତୃତୀୟ ବୋଲର ଭାବେ କାହାକୁ ସୁଯୋଗ ମିଳିବ ତାକୁ ନେଇ ପ୍ରଶ୍ନ ଉଠିଛି। ଯଦି ଆକାଶଦୀପ ନ ଖେଳନ୍ତି ତାଙ୍କ ସ୍ଥାନରେ ଅଂଶୁଲ କମ୍ବୋଜଙ୍କୁ ଟେଷ୍ଟ କ୍ରିକେଟ୍‌ରେ ପଦାର୍ପଣ ପାଇଁ ସୁଯୋଗ ମିଳିପାରେ। ପ୍ରସିଦ୍ଧ କୃଷ୍ଣା ଦାବିଦାର ଥିଲେ ମଧ୍ୟ ସିରିଜ୍‌ରେ ତାଙ୍କ ପ୍ରଦର୍ଶନ ବହୁତ ନିରାଶଜନକ ରହିଛି।

**ସ୍ଥାନ-ମାଞ୍ଚେଷ୍ଟର**
**ସମୟ-ଦିନ ସାଢ଼େ ୩ଟା**

ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଶୃଙ୍ଖଳାରୁ ବାହାରିବା ପରେ ମାଞ୍ଚେଷ୍ଟରରେ ତାଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁର କିମ୍ବା କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିପାରେ। ସିରିଜ୍‌ରେ ଠାକୁରଙ୍କୁ ସୁଯୋଗ ମିଳିଥିଲେ ହେଁ ତାର ସେ ଫାଇଦା ଉଠାଇ ପାରି ନାହାନ୍ତି। କୁଲଦୀପ ଯାଦବ ଏ ପର୍ଯ୍ୟନ୍ତ ତିନୋଟି ଟେଷ୍ଟରେ ବେଞ୍ଚରେ ବସିଛନ୍ତି। ଦଳ ପ୍ରବନ୍ଧକ ଅଲରାଉଣ୍ଡରଙ୍କୁ ଗୁରୁତ୍ୱ ଦେବା ରଣନୀତିରେ ଏହି ସ୍ପିନରଙ୍କ ଅଣଦେଖା କରି ଚାଲିଛନ୍ତି। ମାଞ୍ଚେଷ୍ଟର ଟେଷ୍ଟରେ କରୁଣ ନାୟରଙ୍କୁ ବାଦ୍ ଦିଆଯିବାର ସମ୍ଭାବନା ରହିଛି। କାରଣ ସିରିଜରେ ସେ ନିରାଶଜନକ ପ୍ରଦର୍ଶନ କରିଛନ୍ତି। ତେଣୁ ତାଙ୍କୁ ଚତୁର୍ଥ ଟେଷ୍ଟରେ ସୁଯୋଗ ମିଳିବାର ସମ୍ଭାବନା କମ ରହିଛି। ତୃତୀୟ ଟେଷ୍ଟରେ ବିନାୟରଙ୍କୁ ସୁଯୋଗ ମିଳିବା ନେଇ ମଧ୍ୟ ସନ୍ଦେହ ରହିଥିଲା। କିନ୍ତୁ ନାୟର ମିଳିଥିବା ସୁଯୋଗର ଫାଇଦା ଉଠାଇ ପାରିନ ଥିଲେ। ତେଣୁ ତାଙ୍କ ସ୍ଥାନରେ ସାଇ ସୁଦର୍ଶନଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ସିରିଜର ପ୍ରଥମ ଦୁଇଟି ମ୍ୟାଚ୍‌ରେ ସୁଦର୍ଶନଙ୍କୁ ସୁଯୋଗ ମିଳିଥିଲା।

ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଶୁଭମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟ୍ କିପର), ଶାର୍ଦ୍ଦୁଳ ଠାକୁର/କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଆକାଶଦୀପ/ଅଂଶୁଲ କମ୍ବୋଜ, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ।

## ୮ ବର୍ଷ ପରେ ଖେଳିବେ ଡାଓ୍ୱସନ

ଆସନ୍ତାକାଲି ଠାରୁ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୪ର୍ଥ ଟେଷ୍ଟ ଆରମ୍ଭ ହେବ। ଏହାର ଦିନକ ପୂର୍ବରୁ ଇଂଲଣ୍ଡ ୪ର୍ଥ ଟେଷ୍ଟ ପାଇଁ ଚୂଡାନ୍ତ ଏକାଦଶ ଘୋଷଣା କରିଛନ୍ତି। ଚୂଡାନ୍ତ ଏକାଦଶରେ ଦଳ ଗୋଟିଏ ପରିବର୍ତ୍ତନ କରିଛି।



ତୃତୀୟ ଟେଷ୍ଟରେ ଆହତ ହୋଇଥିବା ଶୋଏବ ବଶିର ସିରିଜରୁ ବାଦ ପଡିଥିବା ବେଳେ ତାଙ୍କ ବଦଳରେ ଅଭିଜ୍ଞ ଅଲରାଉଣ୍ଡର ଲିଆମ ଡାଓ୍ୱସନଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଥିଲା। ଏବେ ସେ ବଶିରଙ୍କ ସ୍ଥାନରେ ଚୂଡାନ୍ତ ଏକାଦଶରେ ସୁଯୋଗ ପାଇଛନ୍ତି। ଦୀର୍ଘ ୮ ବର୍ଷ ପରେ ସେ ଇଂଲଣ୍ଡର ଟେଷ୍ଟ ଟିମକୁ କମବ୍ୟାକ କରିଛନ୍ତି।

ଲର୍ଡସ ଟେଷ୍ଟକୁ ଇଂଲଣ୍ଡ ନାଟକୀୟ ଢଙ୍ଗରେ ଜିତି ଏବେ ୫ ଟିକିଆ ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟ ସିରିଜ ୨-୧ରେ ଆଗରେ ରହିଛି। ୪ର୍ଥ ଟେଷ୍ଟକୁ ଡ୍ର କିମ୍ବା ଜିତିବା ପାଇଁ ଭାରତ ଚେଷ୍ଟା କରିବ। ନଚେତ ଦଳ ହାତରୁ ସିରିଜ ଚାଲିଯିବ। ଭାରତ ପାଇଁ କର ବା ମର ସ୍ଥିତି ରହିଥିବା ବେଳେ ଇଂଲଣ୍ଡ ଚାପ ମୁକ୍ତ ହୋଇ ମାଞ୍ଚେଷ୍ଟରରେ ମ୍ୟାଚ୍ ଖେଳିବ।

୨୦୧୬ରେ ଡାଓ୍ୱସନ ଭାରତ ବିପକ୍ଷ ଚେନ୍ନାଇ ଟେଷ୍ଟରେ ଡେବ୍ୟୁ କରିଥିଲେ। ଏହି ମ୍ୟାଚ୍‌ରେ କରୁଣ ନାଏର ଅପରାଜିତ ୩୦୩ ରନର ରେକର୍ଡ କରିଥିଲେ। କରୁଣ ନାଏରଙ୍କ ଉପରେ ସମସ୍ତଙ୍କ ଫୋକସ ଥିବା ବେଳେ ଡାଓ୍ୱସନ ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ସେ ପ୍ରଥମେ ଇନିଂସରେ ୬୬ ରନ କରିବା ସହ ୨ଟି ୱିକେଟ ନେଇଥିଲେ। ଇଂଲଣ୍ଡ ପାଇଁ ସେ ଶେଷ ଥର ଦକ୍ଷିଣ ଆଫ୍ରିକା ୨୦୧୭ ନଟିଂହାମ ଟେଷ୍ଟରେ ନଜର ଆସିଥିଲେ।

ଏହାପରେ ସେ ଇଂଲଣ୍ଡ ଜାତୀୟ ଟେଷ୍ଟ ସେଟଅପରୁ ଦୂରେଇ ଯାଇଥିଲେ। କିନ୍ତୁ ଘରୋଇ କ୍ରିକେଟରେ କ୍ରମାଗତ ଦମଦାର ପ୍ରଦର୍ଶନ କରି ଚାଲିଥିଲେ। ବାମହାତୀ ଅର୍ଥଡକ୍ସ ବୋଲର ଭାବେ ପରିଚିତ ଡାଓ୍ୱସନ ୨୧୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ?ରେ ୧୦,୭୩୧ ରନ କରିବା ସହ ୩୭୧ଟି ୱିକେଟ ନେଇଛନ୍ତି। ବର୍ତ୍ତମାନ ଚାଲିଥିବା ୨୦୨୫ କାଉଣ୍ଟୀ ଚାମ୍ପିୟନଶିପ ଡିଭିଜନ ୱାନ ସିଜିନରେ ମଧ୍ୟ ଡାଓ୍ୱସନ ଦମଦାର ପ୍ରଦର୍ଶନ କରିଛନ୍ତି। ୯ଟି ମ୍ୟାଚ୍ ?ରେ ସେ ୫୩୬ ରନ କରିବା ସହ ୨୧ଟି ୱିକେଟ ନେଇଛନ୍ତି। ଏବେ ଚୂଡାନ୍ତ ଏକାଦଶରେ ଡାଓ୍ୱସନ ସାମିଲ ହେବା ଦଳର ବ୍ୟାଟିଂ ଲାଇନ ଅପକୁ ଆହୁରି ମଜବୁତ କରିଛି। ଡାଓ୍ୱସନ ସ୍ପିନ ବୋଲିଂ ସହ ବ୍ୟାଟିଂ କରିବାର ଦମ୍ଭ ରଖିଛନ୍ତି।

ଇଂଲଣ୍ଡର ଚୂଡାନ୍ତ ଏକାଦଶ: ଜ୍ୟାକ କ୍ରଉଲୀ, ବେନ ଡକେଟ, ଓଲି ପୋପ, ଜୋ ରୁଟ, ହ୍ୟାରୀ ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜାମି ସ୍ମିଥ (ୱିକେଟ କିପର), କ୍ରିସ ୱୋକ୍ସ, ବ୍ରାଏଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାଓ୍ୱସନ।

# ଏବେ ବି ପସ୍ତଉଛନ୍ତି ହରଭଜନ



ନୂଆଦିଲ୍ଲୀ,୨୨।୭: ହରଭଜନ ସିଂହ ଏକ ବଡ଼ ଭୁଲ କରିଛନ୍ତି। ଏହି ଭୁଲ୍ ପାଇଁ ସେ ୨୦୦ଥର କ୍ଷମା ମାଗିଛନ୍ତି। ଏହି ଭୁଲ୍ ?କୁ ସେ ତାଙ୍କ କ୍ୟାରିୟରରୁ ଡିଲିଟ କରିବାକୁ ଚାହାଁନ୍ତି। ହରଭଜନ ନିଜେ ଅଶ୍ୱିନଙ୍କ ୟୁଟ୍ୟୁବର ପୋଡକାଷ୍ଟରେ କହିଛନ୍ତି। ଭଜ୍ଜୀଙ୍କୁ ଆଘାତ ଦେଇଥିବା ଘଟଣା ୨୦୦୮ ମସିହାରେ ଆଇପିଏଲ୍ ଗ୍ରାଉଣ୍ଡରେ ଘଟିଥିଲା। ସେତେବେଳେ ଭଜ୍ଜୀ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିଲେ ଏବଂ ଶ୍ରୀସନ୍ତ କିଙ୍ଗ୍ସ ଇଲେଭେନ ପଞ୍ଜାବର ଅଂଶ ଥିଲେ। ଏକ ଲିଗ ମ୍ୟାଚ୍ ସମୟରେ, ଭଜ୍ଜୀ ଶ୍ରୀସନ୍ତଙ୍କୁ ଚାପୁଡ଼ା ମାରିଥିଲେ। ସେହି ଘଟଣା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିସିସିଆଇ ପରବର୍ତ୍ତୀ ସମସ୍ତ ମ୍ୟାଚ୍‌ରୁ ହରଭଜନ ସିଂହଙ୍କୁ ନିଲମ୍ବିତ କରିଥିଲା।

ହରଭଜନଙ୍କୁ ସେତେବେଳେ ଦଣ୍ଡ ଦିଆଯାଇଥିଲା କିନ୍ତୁ ଏହାର ଯନ୍ତ୍ରଣା ଏବେ ବି ରହିଛି, ଯାହା ତାଙ୍କୁ ବାରମ୍ବାର ବ୍ୟଥିତ କରୁଛି। ଏହା ତାଙ୍କୁ ଅନୁଭବ କରାଏ ଯେ, ସେ ଭୁଲ କରିଛନ୍ତି। ଏହି ଭୁଲ୍ ଶ୍ରୀସନ୍ତଙ୍କ ଝିଅ ତାଙ୍କ ସହ କଥା ହେବାକୁ ଚାହାଁନ୍ତି ନାହିଁ।

ସେ କହିଛନ୍ତି, ଯେତେବେଳେ ମୁଁ ଶ୍ରୀସନ୍ତଙ୍କ ଝିଅଙ୍କୁ ଭେଟିଥିଲି, ମୁଁ ତାଙ୍କ ସହ କଥା ହେବାକୁ ଚାହୁଁଥିଲି। ମୁଁ ତାଙ୍କ ସହ ସ୍ନେହରେ କଥା ହେବାକୁ ଚେଷ୍ଟା କରୁଥିଲି। କିନ୍ତୁ, ସେ କହିଥିଲେ ଯେ ତୁମେ ମୋ ବାପାଙ୍କୁ ମାରିଛ, ମୁଁ ତୁମ ସହ କଥା ହେବି ନାହିଁ।

ହରଭଜନ କହିଛନ୍ତି, ଘଟଣାର ଏତେ ବର୍ଷ ପରେ ମଧ୍ୟ ତାଙ୍କ ହୃଦୟ ଏଥିପାଇଁ କଷ୍ଟ ପାଉଛି। ଯେତେବେଳେ ମୋତେ ସୁଯୋଗ ମିଳେ, ମୁଁ କ୍ଷମା ମାଗେ ଏବଂ କହିବାକୁ ଚେଷ୍ଟା କରେ ଯେ ଯାହା ଘଟିଥିଲା ତାହା କେବଳ ଏକ ଭୁଲ ଥିଲା। ହରଭଜନ ସ୍ୱୀକାର କରିଛନ୍ତି, ଯଦି ତାଙ୍କୁ ତାଙ୍କ କ୍ୟାରିଅରରେ ଗୋଟିଏ ଜିନିଷ ବଦଳାଇବାକୁ ପଡ଼େ, ତେବେ ସେ ସେହି ଘଟଣାକୁ ବଦଳାଇବାକୁ ଚାହାଁନ୍ତି।

## ଭାରତ ଗସ୍ତ ନେଇ ଦ୍ୱନ୍ଦ୍ୱରେ ପାକିସ୍ତାନ

କରାଚୀ, ୨୨।୭: ଆସନ୍ତା ମାସରେ ଭାରୀତରେ ଏସିଆ କପ୍ ? ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୁରକ୍ଷା ଜନିତ କାରଣରୁ ପାକିସ୍ତାନ ଏଥିରେ ଅଂଶଗ୍ରହଣ କରିବାକୁ ରାଜି ନ ଥିବା ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) କହିଛି।

ଏ ବିଷୟ ସେମାନେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଓ ଏସିଆନ ହକି ଫେଡରେଶନ (ଏଏଚ୍‌ଏଫ୍)କୁ ଅବଗତ କରାଇଥିବା ପିଏଚ୍‌ଏଫ୍ ମୁଖ୍ୟ ତାରିକ୍ ବୁଗଟି ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଏହି ଇଭେଣ୍ଟଟି ସମ୍ପର୍କରେ ଏଫ୍‌ଆଇଏଚ୍ ଓ ଏଏଚ୍‌ଏଫ୍ ଯାହା ନିଷ୍ପତ୍ତି ନେବେ। ପାକିସ୍ତାନ ଏହାର ମ୍ୟାଚ୍‌ଗୁଡ଼ିକ କେଉଁଠାରେ ଖେଳିବ ତାହା ସେମାନେ ସ୍ଥିର କରିବେ। ଏହି ପ୍ରସଙ୍ଗରେ ପାକିସ୍ତାନ ସରକାର ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଦଳ ଭାରତ ଗସ୍ତ କରିବ ନାହିଁ ବୋଲି ନିକଟରେ ସରକାରଙ୍କ ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି।

# କ୍ରୀଡା ବିଲ୍ ଅଧୀନରେ ଆସିପାରେ ବିସିସିଆଇ

## ହୋଇପାରେ ବୟସ ସୀମାରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୨।୭: ସଂସଦ ସୌସୁମୀ ଅଧିବେସନରେ କେନ୍ଦ୍ର ସରକାର ଉପସ୍ଥାପନ କରିବାକୁ ଯାଉଥିବା ଜାତୀୟ କ୍ରୀଡ଼ା ବିଲ୍ ଅଧୀନରେ ଆସିପାରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ଇଉଉଓ)। କ୍ରୀଡ଼ା ମନ୍ତ୍ରଣାଳୟର ସୂତ୍ରରୁ ତଥ୍ୟ ନେଇ ଖବର ପ୍ରକାଶ କରିଛି ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ। ଏହି ବିଲ୍ ?ରେ ପ୍ରଶାସକଙ୍କ ପାଇଁ ବୟସ ସୀମାର ଉପର ସୀମା ୭୦ ରୁ ୭୫ ବର୍ଷକୁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି ବୋଲି ସୂଚନା ମିଳିଛି।



ବର୍ତ୍ତମାନର ବିସିସିଆଇ ଅଧ୍ୟକ୍ଷ ଥିବା ରୋଜର ବିନ୍ନି ଜୁଲାଇ ୧୯ ତାରିଖରେ ୭୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଅର୍ଥାତ୍ ସେ ବିସିସିଆଇର ନିର୍ଦ୍ଧାରିତ ବୟସ ସୀମାରେ ପହଞ୍ଚି ସାରିଛନ୍ତି। ତେଣୁ ତାଙ୍କୁ ପଦ ଛାଡିବାକୁ କୁହାଯାଇପାରେ। ତେବେ କ୍ରୀଡା ବିଲରେ ଏହି ନିୟମରେ ପରିବର୍ତ୍ତନ ହୋଇପାରେ। ଏକ ଜାତୀୟ କ୍ରୀଡା ମହାସଂଘ (ଘଝଋ) ହିସାବରେ ବିସିସିଆଇ ଏହି ବିଲ୍ ପରିସର ଭିତରକୁ ଆସିପାରେ ବୋଲି ସୂତ୍ରରୁ ଜଣାପଡିଛି।

ଜଣେ ବ୍ୟକ୍ତି କାର୍ଯ୍ୟନିର୍ବାହୀ କମିଟିର ବୟସ ଏବଂ କାର୍ଯ୍ୟକାଳ ସମ୍ପର୍କିତ ଆନ୍ତର୍ଜାତୀୟ ଚାର୍ଟର ଏବଂ ନିୟମ ଓ ଉପ-ଆଇନ ପାଳନ ନ କଲେ, ନିର୍ବାଚନ ଲଢ଼ିବା କିମ୍ବା କାର୍ଯ୍ୟନିର୍ବାହୀ କମିଟିର ନାମାଙ୍କନ ପାଇବା ପାଇଁ ଯୋଗ୍ୟ ହେବେ ନାହିଁ। ତେବେ ତାଙ୍କ ନାମାନଙ୍କନ ତାରିଖରେ ବ୍ୟକ୍ତିଙ୍କ ବୟସ ୭୦ ବର୍ଷରୁ ଅଧିକ ନହୋଇଥବା ଆବଶ୍ୟକ।

ଆହୁରି ମଧ୍ୟ, ଯଦି ଅନ୍ତର୍ଜାତୀୟ ଚାର୍ଟଟର,ନିୟମ ଏବଂ ଉପ-ଆଇନ ଦ୍ୱାରା ଅନୁମତିପ୍ରାପ୍ତ ହୁଏ, ତେବେ ୭୦ ରୁ ୭୫ ବର୍ଷ ବୟସର ଯେକୌଣସି ବ୍ୟକ୍ତି ନିର୍ବାଚନ ଲଢ଼ିପାରିବେ କିମ୍ବା ନାମାଙ୍କନ ଆବେଦନ କରିପାରିବେ। ଏପରି କ୍ଷେତ୍ରରେ, ନିର୍ବାଚିତ ବ୍ୟକ୍ତି ପୂର୍ଣ୍ଣ କାର୍ଯ୍ୟକାଳ ପାଇଁ କାର୍ଯ୍ୟ କରିବେ। ଏହାର ଅର୍ଥ ହେଉଛି ଯେ ଯେତେବେଳେ ଏହି ବିଲ୍ ଚଳିତ ବର୍ଷ ଅଗଷ୍ଟରେ କାର୍ଯ୍ୟକାରୀ ହେବ, ଏହା ବିନିଙ୍କୁ ବିସିସିଆଇ ସଭାପତି ଭାବରେ ଫେରିବାକୁ ଅନୁମତି ଦେବ। ସେ ପୁନଃ ପଦବୀକୁ ଫେରି ଅତି କମ୍ ?ରେ ୩ ବର୍ଷ ପାଇଁ କାର୍ଯ୍ୟ କରି ପାରିବେ। ତେବେ ଏଥିରେ କିଛି ସର୍ତ୍ତ ରହିବ। ବିନ୍ନିଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ରାଜୀବ ଶୁକ୍ଳା ପଦବୀ ସମ୍ଭାଳିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ହେଲେ କେନ୍ଦ୍ର ସରକାରଙ୍କର ଏହି ବିଲ୍ ବିନ୍ନିଙ୍କୁ ପୁଣିଥରେ ଏହି ସ୍ଥାନକୁ ଆଣିପାରେ।

# ଟେନିସକୁ ଫେରିବେ ଭେନସ ୱିଲିୟମ

ୱାଶିଂଟନ,୨୨।୭: ଭେନସ ୱିଲିୟମ ଟେନିସ ଜଗତକୁ ପ୍ରତ୍ୟାବର୍ତ୍ତନ କରିବେ। ଏକ ବର୍ଷରୁ ଅଧିକ ସମୟ ପରେ ଡିସି ଓପନରେ ଭାଗ ନେବାକୁ ଯାଉଛନ୍ତି। ଏହି ଅବସରରେ ସେ କହିଛନ୍ତି, ତାଙ୍କ ସାନ ଭଉଣୀ ଯଦି ଅବସରରୁ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ସେ ଖୁସି ହେବେ।



୪୩ ବର୍ଷୀୟା ସେରେନା ୨୦୨୨ ୟୁଏସ୍ ଓପନ ପରଠାରୁ ଆଉ ଖେଳି ନାହାନ୍ତି। ଏକଦା ସେ ଟେନିସରେ ଆଧିପତ୍ୟ ବିସ୍ତାର କରି ୨୩ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିବା ବେଳେ ଭେନସଙ୍କ ସହିତ ୧୪ ଡବଲ୍ସ ଜିତିଥିଲେ।

ଭେନସ କହିଛନ୍ତି, ନିକଟରେ ଏକ ପ୍ରାକ୍ଟିସ ସେସନରେ ସେରେନା ତାଙ୍କ ସହିତ ୧୫ରୁ ୨୦ ମିନିଟ ଖେଳିଥିଲେ। ଦୁଇ ଭଉଣୀ ଏକଦା ଶ୍ରେଷ୍ଠ ଡବଲ୍ସ ଖେଳାଳି ଥିଲେ। ନମ୍ବର ୱାନ ର୍‌ୟାଙ୍କିଙ୍ଗ ହାସଲ କରିପାରିଥିଲେ।

ଭେନସ ଗତ ମାସରେ ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ତାଙ୍କ କ୍ୟାରିୟରରେ ୭ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ତନ୍ମଧ୍ୟରୁ ୨ଟି ୟୁଏସ୍ ? ଓପନ ଏବଂ ୫ଟି ୱିମ୍ବେଲଡନରେ ଜିତିଛନ୍ତି।

ସେ ତାଙ୍କର ଶେଷ ଟୁର୍ନାମେଣ୍ଟ ୨୦୨୪ ମାର୍ଚ୍ଚରେ ମାୟାମି ଓପନ ଖେଳିଥିଲେ। ଏଥିରେ ସେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ବହୁ ଦିନ ହେଲା ଅଫିସିଆଲ ଡବ୍ଲ୍ୟୁଟିଏ ୱେବ୍‌ସାଇଟ୍‌ର ଅଣ ସକ୍ରିୟ ଖେଳାଳି ତାଲିକାରେ ତାଙ୍କ ନାମ ଦେଖିବାକୁ ମିଳୁଛି।

# ଅକ୍ଟୋବର ୩୦ରୁ ଭାରତରେ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୨।୭: ଚଳିତ ବର୍ଷ ଚେସ୍ ବିଶ୍ୱକପ୍ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି। ଅକ୍ଟୋବର ୩୦ରୁ ନଭେମ୍ବର ୨୭, ୨୦୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ମର୍ଯ୍ୟାଦାସମ୍ପନ୍ନ ଟାଇଟଲ୍ ଏବଂ ୨୦୨୬ ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟରେ ଯୋଗ୍ୟତା ଅର୍ଜନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।



ଭାରତୀୟ ଚେସ୍ ପାଇଁ ହେବ ଗୌରବଦିନ

୨୦୨୫ ଚେସ୍ ବିଶ୍ୱକପରେ ୨୦୬ ଜଣ ଖେଳାଳି ନକ୍‌ଆଉଟ୍ ଫର୍ମାଟରେ ଅଂଶଗ୍ରହଣ କରିବେ। ଏହି ଫର୍ମାଟରେ ପ୍ରତ୍ୟେକ ରାଉଣ୍ଡରେ ହାରିଥିବା ଖେଳାଳି ବାହାରି ଯାଆନ୍ତି, ଯାହା ଏକ ଅଣଧାର୍ଯ୍ୟ ଓ ରୋମାଞ୍ଚକର ପ୍ରତିଯୋଗିତା ସୃଷ୍ଟି କରେ। ୨୦୨୧ ମସିହାଠାରୁ ଏହି ଟୁର୍ଣ୍ଣାମେଣ୍ଟ ଏକକ ନିର୍ମୂଳନ (ସିଙ୍ଗଲ୍ ଏଲିମିନେସନ୍) ଫର୍ମାଟ ଅନୁସରଣ କରୁଛି। ପ୍ରତ୍ୟେକ ରାଉଣ୍ଡ ତିନି ଦିନ ଧରି ଚାଲେ: ପ୍ରଥମ ଦୁଇ ଦିନରେ ଦୁଇଟି କ୍ଲାସିକାଲ୍ ଗେମ୍ ଏବଂ ଆବଶ୍ୟକ ହେଲେ ତୃତୀୟ ଦିନରେ ଟାଇ-ବ୍ରେକ୍। ପ୍ରଥମ ରାଉଣ୍ଡରେ ଶୀର୍ଷ ୫୦ ଜଣ ଖେଳାଳି ବାଇ (ଭଇର) ପାଆନ୍ତି, ଆଉ ୫୧ରୁ ୨୦୬ ପର୍ଯ୍ୟନ୍ତ ସ୍ଥାନ ପାଇଥିବା ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ଯେଉଁଠାରେ ଶୀର୍ଷ ଅର୍ଦ୍ଧାଂଶ ଖେଳାଳିଙ୍କ ସହ ବିପରୀତ କ୍ରମରେ ନିମ୍ନ ଅର୍ଦ୍ଧାଂଶର ଖେଳାଳିଙ୍କୁ ଯୋଡ଼ା ଯାଇଥାଏ।

୨୦୨୫ ବିଶ୍ୱକପ୍‌ର ଶୀର୍ଷ ତିନି ଜଣ ଖେଳାଳି ୨୦୨୬ ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ, ଯାହା ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ର ଚ୍ୟାଲେଞ୍ଜର ନିର୍ଦ୍ଧାରଣ କରେ। ଭାରତରେ ଏହି ବିଶ୍ୱକପ୍ ଆୟୋଜନ ବିଶେଷ ଭାବେ ଉତ୍ସାହଜନକ। ଭାରତ ଚେସ୍ ଜଗତରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି, ଯେଉଁଥିରେ ପାଞ୍ଚବାରର ବିଶ୍ୱ ଚାମ୍ପିଅନ ତଥା ଫିଡେ ଡେପୁଟି ପ୍ରେସିଡେଣ୍ଟ ବିଶ୍ୱନାଥନ ଆନନ୍ଦଙ୍କର ପ୍ରୟାସ ଓ ଉତ୍ତରାଧିକାର ଦେଶରେ ଚେସ୍‌କୁ ଜନପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଭାରତର ଯୁବ ତାରକାମାନେ ମଧ୍ୟ ଚମକ ଦେଖାଉଛନ୍ତି। ଗୁକେଶ ଡୋମ୍ମାରାଜୁ ୧୮ ବର୍ଷ ବୟସରେ ସବୁଠାରୁ କମ୍ ବୟସ୍କ ଫିଡେ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଛନ୍ତି। ପ୍ରଜ୍ଞାନନ୍ଦ ଆର୍ ୨୦୨୩ ବିଶ୍ୱକପ୍ ?ରେ ରନର୍ସ-ଅପ୍ ହାସଲ କରିଥିଲେ, ଆଉ ଅର୍ଜୁନ ଏରିଗାଇସି ବର୍ତ୍ତମାନ ବିଶ୍ୱରେ ପାଞ୍ଚ ନମ୍ବର ସ୍ଥାନରେ ଅଛନ୍ତି। ୨୦୨୪ରେ ଭାରତୀୟ ଓପନ ଓ ମହିଳା ଦଳ ଚେସ୍ ଓଲିମ୍ପିଆଡରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ।

ଏହା ସହିତ ଗୁକେଶ, ଏରିଗାଇସି, ଦେଶମୁଖ ଓ ଅଗ୍ରୱାଲ ଚାରିଟି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ, କୋନେରୁ ହମ୍ପୀ ୨୦୨୪ ଫିଡେ ମହିଳା ରାପିଡ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ବୈଶାଳୀ ରମେଶବାବୁ ୨୦୨୪ ଫିଡେ ମହିଳା ବ୍ଲିଟ୍ଜ ଚାମ୍ପିଅନସିପରେ କାଂସ୍ୟ ପଦକ ଜିତିଥିଲେ। ଭାରତରେ ଏହି ବିଶ୍ୱକପ୍ ଆୟୋଜନ ଦେଶର ଚେସ୍ ପ୍ରତିଭାଙ୍କୁ ବିଶ୍ୱ ମଞ୍ଚରେ ଆହୁରି ଆଲୋକିତ କରିବ ବୋଲି ଆଶା କରାଯାଉଛି।

# ଗମ୍ଭୀର ଓ ଗିଲ୍‌ଙ୍କୁ ଅଶ୍ୱିନଙ୍କ ପରାମର୍ଶ

ନୂଆଦିଲ୍ଲୀ,୨୨।୭: ଟେଷ୍ଟ କ୍ରିକେଟ୍ ?ରୁ ସନ୍ନ୍ୟାସ ନେଇ ସାରିଥିବା ତାରକା ଅଫ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମାଞ୍ଚେଷ୍ଟର ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଭାରତୀୟ ଥିଙ୍କ ଟ୍ୟାଙ୍କକୁ ଯଦି ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଂ ଉପରେ ଭରସା ଅଛି ତେବେ ତାଙ୍କୁ କରୁଣ ନାୟରଙ୍କ ସ୍ଥାନରେ ଖେଳାଇବା ଉପରେ ବିଚାର କରିବା ଉଚିତ୍।

ମାଞ୍ଚେଷ୍ଟର ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ଆହତଜନିତ ସମସ୍ୟା ଦେଇ ଗତି କରୁଛି। ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଶୃଙ୍ଖଳାରୁ ବାଦ୍ ପଡି ସାରିଛନ୍ତି। ଅର୍ଶଦୀପ ସିଂ ମଧ୍ୟ ଆହତ କାରଣରୁ ଚତୁର୍ଥ ଟେଷ୍ଟ ପାଇଁ ଉପଲବ୍ଧ ନାହାନ୍ତି। ଏଜବାଷ୍ଟନ ଟେଷ୍ଟର ହିରୋ ଆକାଶଦୀପ ଗ୍ରୋଇନ ଆଘାତରେ ପୀଡିତ। ତେଣୁ ଚତୁର୍ଥ ଟେଷ୍ଟ ଖେଳିବା ନେଇ ତାଙ୍କର ସଂଶୟ ରହିଛି। ଏମିତି ସମୟରେ ଆର ଅଶ୍ୱିନ କହିଛନ୍ତି, ୱାଶିଂଟନ ସୁନ୍ଦର ନିଜର ବ୍ୟାଟିଂ ବଳରେ ଦଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇ ପାରନ୍ତି। ଏମିତି ହେଲେ ଦଳକୁ କେବଳ ନମ୍ବର ୩ର ବିକଳ୍ପ ମିଳିବ ନାହିଁ ବରଂ କୁଲଦୀପ ଯାଦବଙ୍କ ପରି ୱିକେଟ୍ ଟେକର ବୋଲରଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳି ପାରିବ।

ଅଶ୍ୱିନ ନିଜର ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି ଯେ, ବହୁତ ଲୋକ କହି ସାରିଛନ୍ତି ଯେ କୁଳଦୀପ ଯାଦବଙ୍କୁ ଖେଳାଇବା ଉଚିତ୍। ଯଦି ଆପଣଙ୍କୁ ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଂରେ ଅଧିକ ଭରସା ଅଛି ତେବେ ତାଙ୍କୁ ନମ୍ବର ୩ରେ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯାଉ ଏବଂ କୁଲଦୀପଙ୍କୁ ମ୍ୟାଚ୍ ?ରେ ଖେଳାଯାଉ। ଆପଣ ଚିନ୍ତା କରନ୍ତୁ କରୁଣ ନାୟରଙ୍କ ସ୍ଥାନରେ ସାଇ ସୁଦର୍ଶନ ନା ୱାଶିଂଟନ ସୁନ୍ଦରଙ୍କୁ ଖେଳାଇବା ଉଚିତ୍।

ସେ ଏହା ମଧ୍ୟ କହିଛନ୍ତି, ନୀତିଶ କୁମାର ରେଡ୍ଡୀ ବାଦ୍ ପଡି ସାରିଛନ୍ତି। ତାଙ୍କ ସ୍ଥାନରେ କଣ ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଇବା ଉଚିତ୍ ନା କୌଣସି ବିଶେଷଜ୍ଞ ବ୍ୟାଟରଙ୍କୁ ସୁଯୋଗ ଦେବା ଉଚିତ୍। ଏଥିପାଇଁ ମୁଁ ୱାଶିଂଟନ ସୁନ୍ଦରଙ୍କୁ ନମ୍ବର ୩ରେ ଖେଳାଇବାକୁ ଚାହୁଁଛି। ଉଲ୍ଲେଖନୀୟ ୱାଶିଂଟନ ସୁନ୍ଦର ଘରୋଇ କ୍ରିକେଟ୍‌ରେ ତାମିଲନାଡୁ ପାଇଁ ଟପ୍ ଅର୍ଡରରେ ଖେଳିଛନ୍ତି। ତାଙ୍କର ବ୍ୟାଟିଂ ଟେକନିକ ମଧ୍ୟ ମଜବୁତ ରହିଛି। ତାଙ୍କ ଭିତରେ ଚାପର ମୁକାବିଲା ପାଇଁ କ୍ଷମତା ରହିଛି। ସୁନ୍ଦର ଏ ପର୍ଯ୍ୟନ୍ତ ୧୧ଟି ଟେଷ୍ଟ ଖେଳି ୩୮ ହାରରେ ରନ କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ